ସକାଳ THE SAKALA



# ସ୍ମାର୍ଟ ମିଟରକୁ ନେଇ ଗର୍ଜିଲା ବିଜେଡି

**ସମ୍ବଲପୁର, ୨୧ା୧(ସମିସ)**

ସ୍ମାର୍ଟ ମିଟର ବ୍ୟବସ୍ଥା ଲାଗୁକୁ ବିରୋଧ କରିଛି ବିଜେଡି। ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଙ୍କ ରୋହିତ ପୂଜାରୀଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଭୂତାପଡ଼ା ଛକରୁ ଏକ ଶୋଭଯାତ୍ରାରେ ଯାଇ ଟାଟା ପାୱାର୍ର ଭୂତାପଡ଼ାସ୍ଥିତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ






କରିଥିଲେ। ଟାଟା ପାୱାର୍ର ମନଇଚ୍ଛା ବିଜୁଳି କାଟ ଓ ସ୍ମାର୍ଟ ମିଟର ଲାଗୁ ବିରୋଧରେ ବିଜେଡି କର୍ମୀମାନେ ଭୀଷଣ ବର୍ଷିଥିଲେ। ପରେ ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ସାରା ରାଜ୍ୟରେ ସ୍ମାର୍ଟ ମିଟର ପ୍ରଚଳନ, ବର୍ତ୍ତମାନର ଜନବିରୋଧୀ ସରକାର ଏବଂ ମନମୁଖୀ ଚଳାଇଥିବା ଟାଟା ପାୱାର୍ର ଉପଭୋକ୍ତାବିରୋଧୀ ମନୋଭାବର ଏକ ଜ୍ୱଳନ୍ତ ଉଦାହରଣ। ଉପଭୋକ୍ତାଙ୍କ ବ୍ୟାପକ ବିରୋଧ ସତ୍ତ୍ୱେ ବର୍ତ୍ତମାନର ବିଜେପି ସରକାର ସ୍ମାର୍ଟ ମିଟର ପ୍ରଚଳନ ପାଇଁ ଏକ କ୍ୟାବିନେଟ୍ ପ୍ରସ୍ତାବକୁ ସ୍ୱୀକାର କରି ଅନୁମୋଦିତ କରିଛି। ଟାଟା ପାୱାର୍ର ଜନମାରଣ ନୀତି ସେତିକିରେ ସୀମିତ ନୁହେଁ, ୱେଷ୍ଟୋ ସମୟର ବକେୟା ବିଦ୍ୟୁତ୍ ବିଲ୍ ଅସୁଲ କରିବା ପାଇଁ ବଳପ୍ରୟୋଗ କରି ଗୁଣ୍ଡାରାଜ ଚଳାଇଛି। ଏପରିକି, ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଜୋରଜବରଦସ୍ତ ବକେୟା ବିଲ ଅସୁଲ ପାଇଁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଛି। ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ। କିନ୍ତୁ ବିଦ୍ୟୁତ ଉତ୍ପାଦନ କରୁଥିବା ହୀରାକୁଦ ନଦୀବନ୍ଧ ପାର୍ଶ୍ୱରେ ଥିବା ସମ୍ବଲପୁରରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଏହାଛଡ଼ା ଯଦି ରାଜସ୍ଥାନ, ବିହାର ଓ ଦିଲ୍ଲୀ ଭଳି ସମୃଦ୍ଧିଶାଳୀ ରାଜ୍ୟମାନଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯାଉଛି, ଓଡ଼ିଶା ଭଳି ଏକ ପଛୁଆ ରାଜ୍ୟରେ ସାଧାରଣତଃ ଚାଷୀ, ଶ୍ରମିକ ଏବଂ ଆର୍ଥିକ ଅନୁନ୍ନତ ଜନତାଙ୍କୁ ମାଗଣାରେ ବିଜୁଳି ଦେବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର କାହିଁକି କୁଣ୍ଠାବୋଧ ପ୍ରକାଶ କରୁଛନ୍ତି ବୋଲି ଜିଲ୍ଲା ସଭାପତି ଙ୍କ ପୂଜାରୀ ପ୍ରଶ୍ନ କରିଛନ୍ତି।

ଏହି ଅବସରରେ ଜିଲ୍ଲା ବିଜେଡି ପକ୍ଷରୁ ୫ଦଫା ଦାବି ଉପସ୍ଥାପନ କରାଯାଇଥିଲା। ସେଗୁଡ଼ିକ ହେଲା, ସ୍ମାର୍ଟ ମିଟର ପ୍ରଚଳନ ଅବିଳମ୍ବେ ପ୍ରତ୍ୟାହାର, ବକେୟା (ୱେଷ୍ଟୋ ସମୟର) ବିଦ୍ୟୁତ୍ ବିଲ ଅସୁଲି ବନ୍ଦ କରାଯିବା, ନିର୍ବାଚନ ପ୍ରତିଶ୍ରୁତି ମୁତାବକ ୩୦୦ ୟୁନିଟ୍ ବିଜୁଳି ମାଗଣାରେ ଯୋଗାଇଦେବା, ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ୍ ବନ୍ଦ କରିବା, ପ୍ରତ୍ୟେକ ମାସରେ ବିଦ୍ୟୁତ ବିଲ ପୈଠ ନ କରିପାରିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ବନ୍ଦ କରିବା ଇତ୍ୟାଦି। ଦାବିଗୁଡ଼ିକ ଶୀଘ୍ର ପୂରଣ କରାନଗଲେ ଆଗାମୀ ଦିନରେ ବିଜୁ ଜନତା ଦଳ ଆନ୍ଦୋଳନ ବ୍ୟାପକ କରିବାକୁ ବାଧ୍ୟ ହେବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି।

ଏହି ପ୍ରତିବାଦ ସଭାରେ ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ପଟୁଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଶାନ, ଅମୂଲ୍ୟ ମିଶ୍ର, ଅନାଦି ସାହୁ, ଉଦିତ କୁମାର ତ୍ରିପାଠୀ, ଚାଷୀ ନେତା ରାମସାଗର ସାହୁ, ମୁକୁନ୍ଦ ବେହେରା, ସଦାନନ୍ଦ କୁଜୁର, ଗୋପୀ ରଞ୍ଜନ ବେହେରା, ଉଷା ପ୍ରଧାନ, ବେଣୁଧର ଦାସ, ରୁଦ୍ର ଷଡ଼ଙ୍ଗୀ, ଏମ୍ଡି ସନାଉଲା, ଏମ୍ଡି ସିରାଜ୍, ହର୍ଦିପ ସିଂ ଭୁର୍ଜି, ଡଲି କଲେତ ଏବଂ ଧର୍ମରାଜ୍ ମରେଇ। ଏହାସହ ବରିଷ୍ଠ ନେତା ଅଶୋକ ସେନାପତି, ବସନ୍ତ କୁମାର ମିଶ୍ର, ଆନନ୍ଦ ବଡଗୟାଁ, ସଞ୍ଜୀବ ଷଡ଼ଙ୍ଗୀ, ସୁରୁବାବୁ ମେହେର, ସତ୍ୟେନ୍ଦ୍ର ଦାସ, ପ୍ରଫୁଲ୍ଲ ଦାସ, ପ୍ରଫୁଲ୍ଲ ମିର୍ଦ୍ଧା, ପ୍ରଶାନ୍ତ ଥାପା, ମାନଭଞ୍ଜନ ତ୍ରିପାଠୀ, ଲୁଲୁ ପ୍ରଧାନ, ସୁରେନ୍ଦ୍ର ଥାପା, ଟିକୁ ପଟ୍ଟନାୟକ, ଜଗୁ ନାଥ, ରାଜେଶ ମିଶ୍ର, ଓଁକାର ପ୍ରସାଦ ନାୟକ, କୈଳାଶ କିଶାନ, ବିଜୁ ଯୁବ ଜନତା ଦଳର ସୁବ୍ରତ ବକ୍ସି, ଦେବାଶିଷ ପରିଡ଼ା, ପ୍ରଦୋଷ ମହାନ୍ତି, କିଶୋର ପଣ୍ଡା, ଲକ୍ଷ୍ମୀ ମହାପାତ୍ର, ଆଦିତ୍ୟ ନାରାୟଣ ପ୍ରଧାନ, ପିଣ୍ଟୁ ଧଳ, ପ୍ରତାପ ତପନ, ମଞ୍ଜୁ ଓରାମ, ବିକାଶ କ୍ଷେତି, ସମୀର ପାଢ଼ୀ, ପ୍ରଦୀପ ପଟ୍ଟନାୟକ, ମୃତ୍ୟୁଞ୍ଜୟ ସାମଲ, ବାଦଲ ମହାନ୍ତି, ଉତ୍ତମ ବାଗ, ମନୋଜ ଦାସ, ବିଜୁ ଛାତ୍ର ଜନତା ଦଳରୁ ଦୀପ୍ତି ରଞ୍ଜନ ମଲ୍ଲିକ, ସଦାନନ୍ଦ ଦାସ, ସତ୍ୟଜିତ ମହାପାତ୍ର, ପ୍ରବୀଣ ସୁପକାର, ସୋମ ପ୍ରକାଶ ବେହେରା, ସତ୍ୟମ୍ ସାହୁ ଏବଂ ବିଜୁ ମହିଳା ଜନତା ଦଳରୁ ସିପ୍ରା ମହାନ୍ତି, ସଂଯୁକ୍ତା ମେହେର, ଲିଲିମା ମଲ୍ଲିକ, ନନ୍ଦିନୀ ପ୍ରଧାନ, ମୁନି ବେଗମ, ରୁପାଞ୍ଜଳି ରଣବିଡା, ତ୍ରିବେଣୀ ପଣ୍ଡା ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଓ କର୍ମୀ ମାନଙ୍କ ମଧ୍ୟରେ ପ୍ରଦୀପ ମିଶ୍ର, ଗୋପବନ୍ଧୁ ମହାନନ୍ଦ, ପ୍ରହ୍ଲାଦ ଗୁରୁ, ସୁକେଷ ସିଂ, ସୁରେନ୍ଦ୍ର ବିଶ୍ୱାଳ, ଗଣେଶ କରାଲି, ଭରତ କରାଲି, ପ୍ରତାପ ନାୟକ, ଝସକେତନ ନାୟକ, ମନୋରଞ୍ଜନ ଥାପା, ଜଗନ୍ନାଥ ବାରିକ, ରାଜେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ୧.୭ କୋଟି ଇନଭେଷ୍ଟ ଠକେଇ, ଜଣେ ଗିରଫ

## ଟ୍ରେଡିଂ ପାଇଁ ୯ ଜଣ ଦେଇଥିଲେ ଲକ୍ଷ ଲକ୍ଷ ଟଙ୍କା



**ସମ୍ବଲପୁର, ୨୧ା୧(ସମିସ):** ସମ୍ବଲପୁରରେ ବଡ଼ ଧରଣର ଠକେଇ। ଟ୍ରେଡିଂ କରିବା ଆଳରେ ହୋଇଛି ଠକେଇ। ୧.୭ କୋଟି ଟଙ୍କା ଇନଭେଷ୍ଟ ଠକେଇ ଅଭିଯୋଗରେ ଅଇଁଠାପାଲି ପୁଲିସ ଜଣଙ୍କୁ ଗିରଫ କରିଛି। ସେ ହେଉଛନ୍ତି ବରଗଡ଼ ଅତାବିରା ଥାନା ଲରମ୍ଭା ଅନ୍ଧାରିପାଲି ତଥା ସମ୍ବଲପୁର ଅଇଁଠାପାଲି ଥାନା ଦାନୀପାଲି ନିବାସୀ ଚନ୍ଦ୍ର ଶେଖର ଦାସ(୪୩)। ପୁଲିସ ୩ଟି ମୋବାଇଲ, ୮ଟି ଏଟିଏମ କାର୍ଡ, ଟାବଲେଟ, ଲାପଟପ ସମେତ ବିଭିନ୍ନ କାଗଜ ପତ୍ର ଜବତ କରିଛି। ମୁଦିପଡ଼ା ପାଣିଟାଙ୍କିର ମାନସୀ ସାହୁଙ୍କ ଅଭିଯୋଗ କ୍ରମେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ମାନସୀଙ୍କ ସମେତ ଆଉ ୮ ଜଣଙ୍କ ସହ ଅଭିଯୁକ୍ତ ଚନ୍ଦ୍ରଶେଖର ଗତ ୨୦୨୪ ମସିହାରେ ପରିଚୟ ହୋଇଥିଲା। ସେୟାର ମାର୍କେଟରେ ବିନିଯୋଗ କଲେ ଅଧିକ ଟଙ୍କା ମିଳିବ ବୋଲି ଅଭିଯୁକ୍ତ ୯ ଜଣଙ୍କୁ କହିଥିଲା। ସମସ୍ତେ ଟଙ୍କା ତାଙ୍କୁ ଦେବାକୁ ସେ ପରାମର୍ଶ ଦେଇଥିଲା। ପ୍ରତି ମାସରେ ମୂଳ ଧନର ୭ରୁ ୧୦ ପ୍ରତିଶତ ଲାଭ ଟଙ୍କା ଫେରିପାଇବେ ବୋଲି ମଧ୍ୟ କହିଥିଲା। ଚନ୍ଦ୍ର ଶେଖର ନିଜେ ଟଙ୍କା ସେୟାର ମାର୍କେଟରେ ଲଗାଉଥିଲା। ପ୍ରଥମେ ପ୍ରଥମେ କିଛି କିଛି ଟଙ୍କା ଫେରାଉଥିଲା। ହେଲେ ଗତ ସେପ୍ଟେମ୍ବର ୨୦୨୫ରୁ ସେ କାହାକୁ ଟଙ୍କା ଫେରାଇବାରେ ଅସମର୍ଥ ହୋଇଥିଲା। ପର୍ଯ୍ୟାୟ କ୍ରମେ ନାମିସ କୁମାର ପ୍ରଧାନ ୨୨ ଲକ୍ଷ, ସାବିତ୍ରୀ ପାତ୍ର ୨୬ ଲକ୍ଷ ୬୦ ହଜାର, ଅଭିଶେଖ ପାତ୍ର ୧୩ ଲକ୍ଷ, ଗିରି ଗୋବର୍ଦ୍ଧନ ପାତ୍ର ୬ ଲକ୍ଷ ୯୪ ହଜାର ୬ଶହ, ସନ୍ତୋଷିନୀ ପାତ୍ର ୨୦ ଲକ୍ଷ, ଗଣେଶ ଦେବନାଥ ୧୨ ଲକ୍ଷ ୨୦ ହଜାର, କେ ଆର ଶରତ ୫ ଲକ୍ଷ, ରାକେଶ କୁମାର ପ୍ରଧାନ ୧୮ ଲକ୍ଷ ୫ ଶହ ଓ ମାନସୀ ସାହୁ ୪୭ ଲକ୍ଷ ଟଙ୍କା ଦେଇଥିଲେ। ମାନସୀ ୮ ଲକ୍ଷ ୧୧ ହଜାର ଟଙ୍କା, ରାକେଶ ୧୩ ଲକ୍ଷ ୪୦ ହଜାର, ଗଣେଶ ୨ ଲକ୍ଷ ୧୦ ହଜାର, ଗିରି ଗୋବର୍ଦ୍ଧନ ୩ଲକ୍ଷ ୨୫ ହଜାର ଓ ସାବିତ୍ରୀ ୧୧ ଲକ୍ଷ ଟଙ୍କା ଫେରିପାଇଥିଲେ। ହେଲେ ଅନେକ ଟଙ୍କା ଠକେଇ କରିଥିବା ଅଭିଯୋଗ ପରେ ପୁଲିସ ଗିରଫ କରିଛି। ମୋଟ ୧କୋଟି ୭୦ ଲକ୍ଷ ଠକେଇ ଅଭିଯୋଗରେ ପୁଲିସ ଗିରଫ ପରେ କୋର୍ଟଚାଲାଣ କରିଛି।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ସମ୍ବଲପୁର, ୨୧ା୧ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍ୟୁ) ବ୍ରହ୍ମପୁତ୍ର ହଷ୍ଟେଲର ୫୨ ନମ୍ବର କୋଠରୀରୁ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର। ସେ ହେଉଛନ୍ତି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅର୍ଥନୀତି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ସୁନ୍ଦରଗଡ଼ କୁତ୍ରାର ସୁରଜ କୁଜୁର(୨୨)। ମଙ୍ଗଳବାର ବୁର୍ଲା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର ଉଦ୍ଧାର କରିଛି। ବୁର୍ଲା

## ପରିବାର ଚିନ୍ତାରେ ଆତ୍ମହତ୍ୟା ସନ୍ଦେହ



ଭିମସାରରେ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି। ସୂଚନା ଅନୁସାରେ ସୁରଜ ଛାତ୍ରାବାସର ଉକ୍ତ କୋଠରୀରେ ଏକୁଟିଆ ରହୁଥିଲେ। ଗତକାଲି ମଙ୍ଗଳବାର ସନ୍ଧ୍ୟାରେ ନିଜ କଠୋରୀରୁ ସେ ଆଦୌ ବାହାରି ନ ଥିଲେ। ଏପରିକି ସେ ରାତ୍ରି ଭୋଜନ ପାଇଁ ନଯିବାରୁ କିଛି ସହପାଠୀ ଛାତ୍ରାବାସକୁ ଯାଇ ତାଙ୍କ କଠୋରୀରେ ଭିତରୁ ବନ୍ଦଥିବା ଦେଖିବାକୁ ପାଇଥିଲେ। ଫଳରେ ସେମାନେ ବହୁତ ସମୟ ପର୍ଯ୍ୟନ୍ତ କବାଟ ବାଡ଼େଇ ଡାକିଥିଲେ। ମାତ୍ର ଭିତରୁ କୌଣସି ଉତ୍ତର ନମିଳିବାରୁ ସହପାଠୀମାନେ କଠୋରୀର ଝରକା ସ୍କାଏଲାଇଟ ଫାଙ୍କରୁ ସୁରଜଙ୍କ ଶରୀର ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ କଲେଜ କର୍ତ୍ତୃପକ୍ଷ ଓ ପୁଲିସ ଘଟଣା ସ୍ଥଳକୁ ପହଞ୍ଚିଥିଲେ।

ସହପାଠୀଙ୍କ କହିବା ଅନୁସାରେ କିଛିଦିନ ହେଲା ସେ ଚୁପଚାପ୍ ରହୁଥିବା ବେଳେ ସହପାଠୀଙ୍କ ସହ ବିଶେଷ କଥାବର୍ତ୍ତା ମଧ୍ୟ କରୁ ନ ଥିଲେ। ତାଙ୍କ ଭାବଭାବରୁ ସେ କୌଣସି କଥାକୁ ନେଇ ଅବଶାଦଗ୍ରସ୍ତ ଥିବା ମନେ ହେଉଥିଲା। ବୁଧବାର ତାଙ୍କର ସେମିଷ୍ଟାର ପରୀକ୍ଷା ଦେବାର ଥିଲା। ତେବେ ତାଙ୍କ ମୋବାଇଲ ଫୋନ ଖରାପ ହୋଇ ଯାଇଥିବାରୁ ସେ ଅନ୍ୟଜଣେ ଛାତ୍ରଙ୍କ କୋଠରୀକୁ ଯାଇ ତାଙ୍କ ମୋବାଇଲରେ ତାଙ୍କ ଉଉଣୀଙ୍କ ସହିତ କଥାବାର୍ତ୍ତା କରିଥିଲେ। ସେପଟେ ସୁରଜ ଘରର ବଡ ପୁଅ। ପାଠ ମଧ୍ୟ ଭଲ ପଢୁଥିଲେ। ତାଙ୍କର ୪ ଭଉଣୀ ଓ ୨ ଭାଇ ରହିଛନ୍ତି। ଗତ ୨୫ ତାରିଖରୁ ସେ ଘରକୁ ଯାଇ ନାହାନ୍ତି। ମୋବାଇଲ ଖରାପ ସତ୍ତ୍ୱେ ସଜାଡି ପାରୁନଥିଲେ। ପରିବାର ଚିନ୍ତାରେ ସେ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଆତ୍ମହତ୍ୟା କାରଣ ଜଣା ପଡ଼ିବ ବୋଲି ବୁର୍ଲା ଥାନା ଆଇଆଇସି ସୌମ୍ୟକାନ୍ତ ବଳିଆର ସିଂ କହିଛନ୍ତି।

# ୨୪ରୁ ସମ୍ବଲପୁର ପୁସ୍ତକ ମେଳା, ଉଦ୍‌ଘାଟନ କରିବେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ୨୧ା୧ (ସମିସ) :** ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ (ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର) ଆନୁକୂଲ୍ୟରେ ଓ 'ସେତୁ' ସହଯୋଗରେ ସମ୍ବଲପୁରର ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡା ମୈଦାନ (ପିଏଚ୍ଡି ପଡ଼ିଆ)ଠାରେ ଆସନ୍ତା ଜାନୁଆରୀ ୨୪ ଠାରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ପୁସ୍ତକ ମେଳା ଆୟୋଜିତ ହେଉଅଛି। ଏହି ପୁସ୍ତକ ମେଳାକୁ ୨୪ ଜାନୁଆରୀ ୨୦୨୬ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବେ। ଏହି ମେଳାରେ ଏନ୍‌ବିଟି ଇଣ୍ଡିଆ ସମେତ ରାଜ୍ୟ ଓ ରାଜ୍ୟ ବାହାରର ୨୫୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ପ୍ରକାଶକ ଓ ପୁସ୍ତକବିକ୍ରେତା ଅଂଶଗ୍ରହଣ କରୁଛନ୍ତି।

ପୁସ୍ତକ ମେଳାରେ ପ୍ରବେଶ ନିଃଶୁଳ୍କ ଅଟେ। ଏହି ଉପଲକ୍ଷେ ଆୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ଓଡ଼ିଶାର ବହୁ ବିଶିଷ୍ଟ ଲେଖକଙ୍କୁ ଭେଟିବାର ସୁଯୋଗ ମିଳିବ। ପିଲାମାନଙ୍କ ପାଇଁ ପଟ୍ଟଚିତ୍ର ଅଙ୍କନ ଅଧିବେଶନ, କଳା କର୍ମଶାଳା ଆଦି କାର୍ଯ୍ୟକ୍ରମ ସହ ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ।

# ଚତୁର୍ଥ ବାଜି ରାଉତ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ସମ୍ବଲପୁର, ୨୧ା୧ (ସମିସ) :** ସମ୍ବଲପୁର କମିଶନର୍ସ କଲୋନୀ କ୍ରିକେଟ୍ କ୍ଲବ (ଫୋର୍-ସି) ପଡ଼ିଆରେ ଆମେ ଓଡ଼ିଆ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ବାଜି ରାଉତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ସାଂସଦ କ୍ରୀଡ଼ା ଉତ୍ସବ ଅଧିନରେ ବାଜି ରାଉତ ଫୁଟବଲ ଟୁର୍ଣ୍ଣାମେଣ୍ଟ ସମ୍ବଲପୁର ସମେତ ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ହେଉଛି। ସମ୍ବଲପୁରଠାରେ ସମ୍ବଲପୁର ବିଧାନସଭାର ଅନେକ ଫୁଟବଲ ଦଳ ଅଂଶଗ୍ରହଣ କରିଛନ୍ତି। ଗତ ୨୦ ତାରିଖ ଏହା ଉଦ୍‌ଘାଟିତ ହୋଇଥିବାବେଳେ ୨୪ ତାରିଖ ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସମ୍ବଲପୁର ସଂଯୋଜକ ଅଶ୍ୱିନୀ କୁମାର ମାଝୀ ସୂଚନା ଦେଇଛନ୍ତି।

# କୁଲତା ସମାଜର ପୁରୋଧାଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୧ା୧ (ସମିସ) :** ଦାନୀପାଲିସ୍ଥିତ ରାମଚଣ୍ଡୀ ସେବା ସଦନରେ କୁଲତା ସମାଜ ସମ୍ବଲପୁର ପକ୍ଷରୁ କୃପାସିନ୍ଧୁ ଖମାରୀଙ୍କ ଅଧ୍ୟକ୍ଷତାରେ ସମାଜର ପୁରୋଧା ମାନଙ୍କ ଜନ୍ମ ମାସରେ ସ୍ମୃତିଚାରଣ କରାଯାଇଥିଲା। ପୂର୍ବତନ ବିଧାୟକ ମକରଧ୍ୱଜ ପ୍ରଧାନ, ନବୀନ ପ୍ରଧାନ, ସାହିତ୍ୟିକ ଭବାନୀ ଶଙ୍କର ପ୍ରଧାନ ଏବଂ ନାରୀନେତ୍ରୀ ଗହଳ ବାରିକ ପ୍ରମୁଖଙ୍କ ଜୀବନ ସଂଘର୍ଷ ଉପରେ ଆଲୋଚନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜର ପୂର୍ବତନ ସଭାନେତ୍ରୀ ଯଶୋବନ୍ତୀ ନାଏକ ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଜଟାଭୂଷଣ ସାହୁ, ଭକ୍ତବନ୍ଧୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ଭବାନୀ ଶଙ୍କର ଭୋଇ, ସରୋଜ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କୁଲତା ସମାଜର



ଦେବୀ ପ୍ରସାଦ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସଭାପତି ଦେବୋତ୍ତମ ପ୍ରଧାନ, ସରୋଜ ପ୍ରଧାନ, ପ୍ରଦୀପ ସାହୁ, ଟଙ୍କଧର ବାରିକ, ଅଭିରାମ ଖମାରୀ, ଆନନ୍ଦ ପ୍ରଧାନ, ହାରାଧନ ପ୍ରଧାନ, କ୍ଷୀରୋଦ ପ୍ରଧାନ, ବାସୁଦେବ ଭୋଇ, ସୁବ୍ରତ ପ୍ରଧାନ, ସୁପ୍ରଭା ପ୍ରଧାନ, ବିରେନ୍ଦ୍ର ସାହୁ, ଦେବତ୍ତମ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଉଦ୍‌ଯାପିତ

**ସମ୍ବଲପୁର, ୨୧ା୧ (ସମିସ) :** ପୁଟିବନ୍ଧସ୍ଥିତ ହୋପ୍ ସ୍କୋପ୍ ଡ୍ରାଇଭିଂ ସ୍କୁଲ ଠାରେ ଆୟୋଜିତ ଦୁଇଦିନିଆ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡ଼ୁ ଯୋଗଦେଇ ସଡ଼କ ସୁରକ୍ଷା ନିୟମ ପାଳନ କଲେ ଆମେ ଅକାଳ ମୃତ୍ୟୁରୁ ବର୍ତ୍ତିପାରିବା ଏବଂ ନିଜେ ବଞ୍ଚିବା ସହ ଅନ୍ୟ ଜଣକର ଜୀବନ ରକ୍ଷା କରିପାରିଲେ ଆମକୁ ଆତ୍ମସନ୍ତୋଷ ମିଳିପାରିବ ବୋଲି କହିଥିଲେ। ରେଡକ୍ରସ ସମ୍ପାଦକ ରୋଜାଲିନ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜରୁରୀକାଳୀନ



ବିଭାଗ ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା, ସହକାରୀ ଆରଟିଓ କାହ୍ନୁଚରଣ ବାଙ୍ଗରା ଓ ରେଡକ୍ରସ କ୍ଷେତ୍ର ପରିଚାଳିକା ପ୍ରମିଳା ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ରବିଚନ୍ଦ୍ର ପଶାୟତ ଓ ରାମନାରାୟଣ ଦାଶ ପ୍ରଶିକ୍ଷକ ଭାବେ ଯୋଗଦେଇ ଅଚେତ, ରକ୍ତସ୍ରାବ, ଶ୍ୱାସରୁଦ୍ଧ, ସିପିଆର, ଅଗ୍ନି ନିରାପତ୍ତା, ରୋଗୀ ସ୍ଥାନାନ୍ତରିକରଣ, ସର୍ପାଘାତ ଆଦି ସମୟରେ ପ୍ରାଥମିକ ଚିକିତ୍ସା ପ୍ରଦାନ ବିଷୟରେ ତାଲିମ ଦେଇଥିଲେ। ଶେଷରେ ଅର୍ଚ୍ଚନା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସମବାୟ ବର୍ଷ ସମାପନ ସମାରୋହ

**ସମ୍ବଲପୁର, ୨୧ା୧ (ସମିସ) :** ସମ୍ବଲପୁର ଜିଲ୍ଲା ସମବାୟ ବିଭାଗ ପକ୍ଷରୁ ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ଆନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ର ଜିଲ୍ଲାସ୍ତରୀୟ ସମାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଭାଜନର ଉପ ନିବନ୍ଧକ ସମବାୟ ସମିତି ସମୂହ (ଡିଆରସିଏସ୍) ଲକ୍ଷ୍ମୀଧର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ସହକାରୀ ନିବନ୍ଧକ, ସମ୍ବଲପୁର, ସହକାରୀ ନିବନ୍ଧକ କୁଚିଣ୍ଡା, ସହକାରୀ ନିବନ୍ଧକ ରେଢ଼ାଖୋଲ, ନାବାର୍ଡର ଡିଡିଏମ୍ ଧିରେନ୍ଦ୍ର କୁମାର ଦାଶ ଏବଂ ଷ୍ଟେଟ୍ ମ୍ୟାନେଜର ଜନସେବା କେନ୍ଦ୍ର ଶୁଭେନ୍ଦୁ ପାଣ୍ଡିଆ ଅତିଥି ଭାବେ ଯୋଗଦେଇ ସମବାୟ ସଂସ୍ଥାମାନଙ୍କ ଜରିଆରେ ବହୁମୁଖୀ ବ୍ୟବସାୟ କରି ଆର୍ଥିକ ଉନ୍ନତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସମବାୟ ବିଭାଗର ସମସ୍ତ କର୍ମଚାରୀ, ପ୍ୟାକ୍ସ / ଲ୍ୟାମ୍ପସ୍ ଏବଂ ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କର କର୍ମଚାରୀମାନଙ୍କ ସହିତ ସମବାୟ ସମିତିର କର୍ମଚାରୀ ତଥା



ଅଧିକାରୀମାନେ ଉପସ୍ଥିତ ଥିଲେ।

ଆନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଉପଲକ୍ଷେ, ସମ୍ବଲପୁର ଜିଲ୍ଲାରେ ବର୍ଷତମାମ ବିଭିନ୍ନ ସଚେତନତା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୱାକାଥନ୍, ଏକ୍ ପେଡ୍ ମା କେ ନାମ୍ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର ଏବଂ ସ୍ୱଚ୍ଛତା ଅଭିଯାନ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି, ସମବାୟ ସଂସ୍ଥାଗୁଡ଼ିକର କରେଣ୍ଟ ଅଡିଟ୍, କମ୍ପ୍ୟୁଟରାଇଜେସନ୍, ଜାତୀୟସ୍ତରୀୟ ପ୍ୟାକ୍ସ ସଫ୍ଟୱେର (ଏନ୍‌ଏଲପିଏସ୍), କମନ୍ ସର୍ଭିସ୍ ସେଣ୍ଟର (ସିଏସ୍‌ସି) ଏବଂ ଚିଠା ସମବାୟ ନୀତି-୨୦୨୫ ବିଷୟରେ ବିଭିନ୍ନ ପ୍ରଶିକ୍ଷଣ ଓ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସର୍ବୋତ୍ତମ କାର୍ଯ୍ୟ କରୁଥିବା ସମବାୟ ସଂସ୍ଥାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଏସ୍‌ଏଆର୍‌ସିଏସ୍ ସୁଶୀଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜିଲ୍ଲା ସୈନିକ ବୋର୍ଡ ପକ୍ଷରୁ 'ପୂର୍ବତନ ସୈନିକ ଦିବସ'



**ସମ୍ବଲପୁର, ୨୧ା୧ (ସମିସ) :** ଭାରତବର୍ଷର ପ୍ରଥମ ସେନାଧ୍ୟକ୍ଷ ଫିଲ୍ଡ ମାର୍ଶଲ୍ କେ.ଏମ୍ କରିଅପ୍ପାଙ୍କ ସେବା ନିବୃତ୍ତି ଦିବସକୁ ପ୍ରତିବର୍ଷ ସମଗ୍ର ଦେଶରେ 'ପୂର୍ବତନ ସୈନିକ ଦିବସ' ଭାବରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ଣରେ ଦଲେଇପଡ଼ାସ୍ଥିତ କଲ୍ୟାଣ ମଣ୍ଡପ ଠାରେ ପୂର୍ବତନ ସୈନିକ ଦିବସ ୨୦୨୬ (ଭେଟେରାନ୍ସ ଡେ ୨୦୨୬) ପାଳିତ ହୋଇଯାଇଛି। ସୁବେଦାର ମେଜର ଶିବ ନାରାୟଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବରେ କର୍ଣ୍ଣେଲ ନନୀ ଗୋପାଳ ପାତ୍ର ଏବଂ ମୁଖ୍ୟବକ୍ତା ଭାବରେ ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର ଯୋଗ ଦେଇଥିଲେ। ମୁଖ୍ୟଅତିଥି କର୍ଣ୍ଣେଲ ପାତ୍ର ପୂର୍ବତନ ସୈନିକ ସ୍ୱର୍ଗତ ଦୁର୍ଗାଚରଣ ଓରାମ୍ (ଶୌର୍ଯ୍ୟଚକ୍ର) ଙ୍କର ଝିଅ ବୀରାଙ୍ଗନା ମଞ୍ଜୁ ଓରାମ୍ ଏବଂ ସ୍ୱର୍ଗତ ବୀରେନ୍ଦ୍ର ନାଥ କରୱାରଙ୍କ ଝିଅ ବୀରାଙ୍ଗନା ଅଶ୍ୱିନୀ କରୱାରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ସମାରୋହ ପ୍ରାରମ୍ଭରେ ସାମୂହିକ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଜିଲ୍ଲା ସୈନିକ ବୋର୍ଡ଼ର ସମ୍ପାଦକ ସଞ୍ଜୀବ ପାଣ୍ଡେ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ, ଧନୁପାଲି ଶାଖାର ପ୍ରବନ୍ଧକ ସୁବ୍ରତ କୁମାର ବାଗ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ସୈନିକ ମାନଙ୍କ ସମସ୍ୟା ବିଷୟରେ ଆଲୋଚନାରେ ଗୋପବନ୍ଧୁ ସାହୁ, ବିଜୟ ସାହୁ, ମନୋଜ ପଣ୍ଡା, ରଞ୍ଜନ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପୂର୍ବତନ ସୈନିକ ସଙ୍ଗଠନ ସମ୍ବଲପୁର, ବରଗଡ଼, ଅତାବିରା ଏବଂ ରାଉରକେଲାର କର୍ମକର୍ତ୍ତା ମାନଙ୍କ ସମେତ ଶତାଧିକ ପୂର୍ବତନ ସେନା ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇଥିଲେ। ଶେଷରେ ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପ୍ରହ୍ଲାଦ ମେହେର, ସୋମନାଥ ସାହୁ, ଅସଲମ୍ ଖାନ୍, ପ୍ରଫୁଲ୍ଲ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ୨୩ରୁ ସମ୍ବଲପୁରରେ ସର୍ବଭାରତୀୟ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି

**ସମ୍ବଲପୁର, ୨୧ା୧(ସମିସ)**

ଆସନ୍ତା ୨୩ରୁ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ସର୍ବ ଭାରତୀୟ ଅଣ୍ଡର ୨୩ କର୍ଣ୍ଣଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଓଡ଼ିଶା ସହ ହରିଆଣାର କଡ଼ ଟକ୍କର ମ୍ୟାଚ ୪ ଦିନ ଧରି ୨୬ ତାରିଖ ଯାଏଁ ଖେଳାଯିବ ବୋଲି ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ଦଳର ଅଧିନାୟକ ଓମ ତୁମରାମ ମୁଣ୍ଡେଙ୍କ ନେତୃତ୍ୱରେ ୧୮ ଜଣ ଖେଳାଳି ରହିଛନ୍ତି। ୱିକେଟ କିପର ଭାବେ ଆର୍ଶିବାଦ ସ୍ୱାଇଁ ଓ ଦିନେଶ କୁମାର ମାଝି ରହିଥିବା ବେଳେ, ସମ୍ବଲପୁର ରେଙ୍ଗାଲିର ଆଶୁତୋଷ ଛୁରିଆ ଏହି ଦଳରେ ଖେଳାଳି ଭାବେ ରହିଛନ୍ତି। ସେହିପରି ଅଭିଶେଖ ସିଂ, ଆଶୁତୋଷ ମାରାଣ୍ଡି, ଆୟୁଶ ସୁତାର, ଏମଡି ସୋହେଲ ଖାନ, ରିତେଶ ପ୍ରିୟରଞ୍ଜନ, ସାଇ ସୁବ୍ରତ ଜେନା, ସାଇଦୀପ ମହାପାତ୍ର, ସମ୍ବିତ କୁମାର ବିଜା, ସାର୍ଥକ ଗୋରବ ପଣ୍ଡା, ସାୟଦ ତୁପାୟାଲ ଅହମଦ, ଶ୍ରୀୟାଂସ ଭରଦ୍ୱାଜ, ଶୋଭନ ଦେବ ବେହେରା, ସୌମ୍ୟ ରଞ୍ଜନ ଲେଙ୍କା ଓ ସୁଜଲ କୁମାର ସିଂ ଦଳରେ ଖେଳାଳି ରହିଛନ୍ତି। ଟିମର ମ୍ୟାନେଜର ଅଭିନାଶ ନନ୍ଦ, ଆଡମିନ ମ୍ୟାନେଜର ଅନିଲ କୁମାର ବିଶ୍ୱାଳ, ମୁଖ୍ୟ କୋଚ ସୁବିତ ବିଶ୍ୱାଳ, ସହଯୋଗୀ କୋଚ ବିଭୁଦତ୍ତ ପଣ୍ଡା, ଫିଜିଓ ଦିନେଶ ସାହୁ, ଟ୍ରେନର ମନୋଜ ବିଶ୍ୱାଳ, ଆନାଲିଷ୍ଟ ନବିନ ବେହେରା, ସାଇଡ ଆର୍ମ ଥ୍ରୋଓର ଦିଲ୍ଲୀପ କୁମାର ଚନ୍ଦନ, ଦେବାଶିଷ ପ୍ରଧାନ ଓ ଶୁଭ୍ରଜିତ ସାହୁ ପ୍ରମୁଖ ରହିଛନ୍ତି। ହରିଆଣା ଟିମରେ ହର୍ଷବର୍ଦ୍ଧନ ଭରଦ୍ୱାଜ, ଲକ୍ଷ୍ୟଦୀପ ଯାଦବ, ୟଶ ସିଂ, ରିସବ ଧଣ୍ଡା, ପ୍ରଥମା ସିନ୍ଧୱାନୀ, ସାମନ୍ତ ଝାଙ୍କର, ବିବେକ କୁମା, ଚିରାଗ ଧାକ, ପ୍ରରାମ ଚାନ୍ଦିଲା, ପିୟୁସ ଦହିୟା ପ୍ରମୁଖ ରହିଛନ୍ତି।




## ଓଡ଼ିଶା ଦଳରେ ସମ୍ବଲପୁରର ଆଶୁତୋଷ

ହରିୟାଣା ଦଳର ସ୍ଥାନୀୟ ମ୍ୟାନେଜର ଭାବ ସୁବୋଦ କୁମାର ସାହୁ ରହିଛନ୍ତି। ଏହି କପ୍‌କୁ ମ୍ୟାଚ ରିପରି ଭାବେ ଅରିନ୍ଦମ ସରକାର, ଅମ୍ପାୟାର ରାକେଶ କୁମାର ଓ ଅଭିଶେକ ଗୁପ୍ତା, ସ୍କୋରର ଭାବେ ବିର୍ଜା ଦାସ ଓ ସନ୍ଦିପ ଜି, ଭିଡ଼ିଓ ଆନାଲିଷ୍ଟ ଭାବେ ସୁବାଶିଷ ଜେନା ଓ ଗୋବିନ୍ଦ ବେହେରା ରହିଛନ୍ତି।

ଏହି କପର ଇଲାଇଟ ବି ଗ୍ରୁପରେ ବେଙ୍ଗଲ, ବିଧର୍ବ, ମୁମ୍ବାଇ, ରାଜସ୍ଥାନ, ହାଇଦ୍ରାବାଦ, ଓଡ଼ିଶା, ହରିୟାଣା ଓ ଆସାମ ରହିଛି। ପୂର୍ବରୁ ଓଡ଼ିଶା ଓ ହରିୟାଣା ଦଳ ୩ଟି ଲେଖାଏଁ ମ୍ୟାଚ ଖେଳିଛନ୍ତି। ଓଡ଼ିଶା ଗୋଟାଏ ମ୍ୟାଚ ଜିତି ଥିବା ବେଳେ ଗୋଟାଏ ଡ୍ର ହୋଇ ୨୧ ପଏଣ୍ଟ ହାସଲ କରିଛି। ସେହିପରି ହରିୟାଣା ଦଳ କୌଣସି ମ୍ୟାଚ ନ ଜି ୧୪ ପଏଣ୍ଟ ହାସଲ କରିପାରିଛି। ଏହି ସିକେ ନାଇଡୁ ଟ୍ରଫିରେ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂର ଉତ୍କର୍ଷତା ଦେଖି ପଏଣ୍ଟ ଦିଆଯାଇଥାଏ।। ଇଲାଇଟ ଗ୍ରୁପ ବିରେ ବେଙ୍ଗଲ ୩୦ ପଏଣ୍ଟରେ ପ୍ରଥମ ରହିଛି। ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନର ସାଧାରଣ ସମ୍ପାଦକ ସୁନୀଲ ସାହୁ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, କାଉଂସିଲ ସଦସ୍ୟ ସୁବୋଦ ସାହୁ, ଗୋପାଳ ନନ୍ଦ, ମନୋଜ ପଣ୍ଡା, ଲାଜମି ମହାକୁଡ, ପଦ୍ମନାଭ ନାଏକ, ଗେମ ସମ୍ପାଦକ ରାଜେଶ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

■ ଡୁଙ୍ଗୁରିପାଲି ବିଦ୍ୟାଳୟରେ ପହଞ୍ଚିଲା ତଦନ୍ତ ଟିମ୍

# ସମସ୍ତ ପାଣ୍ଠିର ନଥିପତ୍ର ଯାଞ୍ଚ

**ଝାରବନ୍ଧ, ୨୧।୧(ସମିସ):** ଝାରବନ୍ଧ ବ୍ଲକ ଡୁଙ୍ଗୁରିପାଲି ବିଦ୍ୟାଳୟରେ ଘଟିଥିବା ବିଭିନ୍ନ ଅନିୟମିତତା ସମ୍ପର୍କିତ ଖବର 'ସକାଳ' ଖବରକାଗଜରେ ପ୍ରକାଶ ପରେ ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି, ଏବିଇଓ ଦୟାନିଧି କୈବର୍ତ୍ତ, ବିଶିକେଶନ ଶତପଥିଙ୍କ ସମେତ ଛଅ ଜଣିଆ ଟିମ ଡୁଙ୍ଗୁରିପାଲି ବିଦ୍ୟାଳୟରେ ପହଞ୍ଚି ମିଳିତ ଭାବେ ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ସମୟରେ ବିଦ୍ୟାଳୟର ହିସାବପତ୍ର, ଭୌତିକ ଅବସ୍ଥା, ପୋଷାକ ବଣ୍ଟନ, ଖେଳ ସାମଗ୍ରୀ ବଣ୍ଟନ, ବିଭିନ୍ନ ସରକାରୀ ପାଣ୍ଠିର ବ୍ୟବହାର, ଛାତ୍ରଛାତ୍ରୀଙ୍କ ଉପସ୍ଥିତି ରେଜିଷ୍ଟର, ମଧ୍ୟାହ୍ନ ଭୋଜନ ଯୋଜନା ସମ୍ପର୍କିତ ଦଲିଲପତ୍ର ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ସେହିପରି ପୁରୁଣା ସ୍କୁଲ ଗୃହ ସମ୍ପର୍କିତ ସାମଗ୍ରୀ ବିକ୍ରୟ ଓ ମହଜୁଦ ଅବସ୍ଥା ନେଇ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇଛି। ସମସ୍ତ ଅଭିଯୋଗ ସମ୍ପର୍କରେ ସୂଚନା ସଂଗ୍ରହ କରିଥିବା ଜଣାପଡ଼ିଛି। ତଦନ୍ତ ରିପୋର୍ଟ ଉଚ୍ଚ ଅଧିକାରୀଙ୍କୁ ଦାଖଲ କରାଯିବା ପରେ ଅନିୟମିତତା ସାବ୍ୟସ୍ତ ହେଲେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନିକ ସୂତ୍ରରୁ ସୂଚନା ମିଳିଛି। ଏହି ମାମଲାକୁ ନେଇ ଅଞ୍ଚଳବାସୀ ଓ ଅଭିଭାବକମାନେ ତଦନ୍ତ ପ୍ରକ୍ରିୟା ଉପରେ ନଜର ରଖିଥିବା ବେଳେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ସକାଳ THE SAKALA ପ୍ରଭାବ

# ଜନଜାଗରଣ ସଚେତନତା ଅଭିଯାନ ସଭା




**ଭଟଲି, ୨୧।୧(ସମିସ):** ଭଟଲି ବନାଞ୍ଚଳ ପକ୍ଷରୁ ସମ୍ବରଦର୍ହାଠାରେ ଜନଜାଗରଣ ସଚେତନତା ଅଭିଯାନ ସଭା ହୋଇଯାଇଛି। ଶୀତ ଋତୁ ଯିବା ପରେ ପରେ ଜଙ୍ଗଲ ନଇକୂଳ ପିକନିକ୍ ସ୍ଥଳୀ ମାନଙ୍କରେ ପ୍ଲାଷ୍ଟିକ୍, ପଲିଥିନ ଜରି, ପ୍ଲାଷ୍ଟିକ ଲେୟାର୍ ଯୁକ୍ତ ଖଲିଦନା, ଥର୍ମାକୁଲ ଖଲି, ଜରି ପାଉଚ, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବୋତଲ କାଚ ବୋତଲରେ ଅଳିଆ ଆବର୍ଜନା ପଡ଼ିରହିଛି। ଏହାର ବିକଳ୍ପ ବ୍ୟବସ୍ଥା ପାଇଁ ଏକ ଜନ ସଚେତନତା ସଭା ସମ୍ବରଧରାଠାରେ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭଟଲି ରେଞ୍ଜର ସୁବୋଧ କୁମାର ସାହୁ, ମୁଖ୍ୟବକ୍ତା ପରିବେଶବିତ ବୈଷ୍ଣବ ଭୋଇ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଫରେଷ୍ଟର ଅମ୍ବାଭୋନା ଲେକୃ ପାଣ୍ଡେ, ପିଏମ୍ କେଦାରନାଥ ଆଦିବାସୀ ହାଇସ୍କୁଲର ପିଇଟି ତେଜରାମ ସାହୁ ମଞ୍ଚାସୀନ ଥିଲେ। ଦ୍ୱାରୀ ବନରକ୍ଷକ ପଦ୍ମନ୍ ପଧାନ ସଭା ପରିଚାଳନା କରିଥିବା ବେଳେ ଅମିତ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଅମ୍ବାଭୋନା ହାଇସ୍କୁଲ ଛାତ୍ର ଏବଂ ସମ୍ବରଧରା ଏସ୍‌ଏଚ୍‌ଜିମାନଙ୍କୁ ନେଇ ପଥପ୍ରାନ୍ତ ଶୋଭାଯାତ୍ରା କରାଯାଇଥିଲା।

# ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା



**ବରଗଡ଼, ୨୧।୧(ସମିସ):** ବରଗଡ଼ ରେନବୋ ପବ୍ଲିକ ସ୍କୁଲରେ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ମେହେର ଓ ସଚିବ ଚନ୍ଦନା ରଥଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୩ ରୁ ଊର୍ଦ୍ଧ୍ୱ ସ୍କୁଲ ଓ ୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ କ୍ରିଷ୍ଣା ବିକାଶ ସିମେଣ୍ଟ ନଗର ଇଂଲେଶ ମିଡିୟମ ସ୍କୁଲ ଛାତ୍ର ଅରବିନ୍ଦ ସାଏ, ଅଂଶୁମାନ ସାହୁ ଓ ଅର୍ଦ୍ଧେନ୍ଦୁ ଶେଖର ବନଛୋର, ଦ୍ୱିତୀୟ ସ୍ଥାନରେ ବରଗଡ଼ କେନ୍ଦ୍ରୀୟ ସ୍କୁଲ ଛାତ୍ର ଅର୍ନବ ପ୍ରଧାନ, ରୋନକ କୁମାର ପ୍ରଧାନ ଓ ତୃତୀୟ ସ୍ଥାନରେ ବରଗଡ଼ ରେନବୋ ପବ୍ଲିକ ସ୍କୁଲର ଛାତ୍ର ଅକ୍ଷୟ ମହାନ୍ତି, ତାପସ ପାଣ୍ଡେ ଓ ଜାହ୍ନବୀ ବୁଡେକ ହୋଇଛନ୍ତି। ପରିଚାଳନାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

'ସମ୍ବଲପୁରୀ ଧନୁଯାତ୍ରା' ଚତୁର୍ଥ ଦିବସ

# କୃଷ୍ଣ - ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଗୋପପୁର ଗଲେ ଅକ୍ରୁର

ସମ୍ବଲପୁର, ୨୧।୧ (ସମିସ)



ଗୋପପୁରରୁ ଗୁପ୍ତଚର ସମାଚାର ନେଇ ପହଞ୍ଚିଛି କଂସ ଦରବାରରେ। ସେଠାରେ ଷଣ୍ଢାସୁର, ଶକଟାସୁର, କାଳୀୟ ଦଳନ ବିଷୟରେ ଜଣାଇଛି। ଏସବୁ ଶୁଣି ହତବାକ୍ ହୋଇଛନ୍ତି ପ୍ରବଳ ପ୍ରତାପୀ ମହାରାଜ କଂସ। ଧନୁଯାତ୍ରା ଆୟୋଜନ ପାଇଁ ଦେବର୍ଷୀ ନାରଦ ମନ୍ତ୍ରଣା ଦେଇଛନ୍ତି। ଏହାପରେ ମହାରାଜ କଂସ ଅତି ବିଶ୍ୱସ୍ତ ଅକ୍ରୁରଙ୍କୁ ପଠାଇଛନ୍ତି ଗୋପପୁରକୁ। ସେଠାକୁ ଯାଇ ଯାତ୍ରା ଦେଖିବା ପାଇଁ ଶ୍ରୀକୃଷ୍ଣ ଓ ବଳରାମଙ୍କୁ କରିବେ ଆମନ୍ତ୍ରଣ। 'ସମ୍ବଲପୁରୀ ଧନୁଯାତ୍ରା'ର ତୃତୀୟ ସଂସ୍କରଣର ଚତୁର୍ଥ ଦିନରେ ଆଜି ଏଭଳି ବିଭିନ୍ନ ଦୃଶ୍ୟ ଅଭିନୀତ ହୋଇଯାଇଛି। ଗଙ୍ଗାଧର ମୁକ୍ତ ମଞ୍ଚରେ ମଥୁରାପୁରୀଠାରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ରାଜ ଦରବାରରେ କଣ୍ଠଶିଳ୍ପୀ ରବୀନ୍ଦ୍ର ପଣ୍ଡା, ଅର୍ପିତା ମିଶ୍ର, ଅଜୟ ନାଥ, ଶ୍ୱେତା ପଣ୍ଡା ପ୍ରମୁଖ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ସାହୁ ପରିଚାଳନା କରିଥିବାବେଳେ ସଂସ୍କୃତି ସମ୍ପାଦକ କୃଷ୍ଣ ଚନ୍ଦ୍ର ବାଗ ଓ ମିଥୁନ ସାହାଣୀ ସଂଯୋଜନା କରିଥିଲେ। ପରେ ପରେ ପଞ୍ଚବାଦ୍ୟ, ସୁଜାତା କ୍ରିଏସନ, ରାଜଶ୍ରୀ ଡ୍ୟାନ୍ସ ଗ୍ରୁପ, ଓମ୍ କଲଚରାଲ ଏକାଡେମୀର କଳାକାର ମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଦୀର୍ଘ ପାଞ୍ଚ ଦିନ ଧରି ଚାଲିବାକୁ ଥିବା ସମ୍ବଲପୁରୀ ଧନୁଯାତ୍ରା ପାଇଁ ମ୍ୟୁନିସିପାଲିଟି ଛକ ନିକଟସ୍ଥ ଗଙ୍ଗାଧର ମୁକ୍ତମଞ୍ଚକୁ କଂସ ଦରବାର ଓ ଚାଉଁରପୁରକୁ ଗୋପପୁର ଭାବେ ସଜ୍ଜିତ କରାଯାଇଛି।

ଆଜି କଂସ ଦରବାରକୁ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର, ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା, ଏନଏଲସି ଅଧିକାରୀ ସୁବ୍ରତ ବିଶ୍ୱାଳ ଓ ସମାଜସେବୀ ସଞ୍ଜୀବ ପ୍ରସାଦ ଆସିଥିଲେ। ସମ୍ବଲପୁରୀ ଧନୁଯାତ୍ରା କମିଟିର ସଭାପତି ସଞ୍ଜୟ ବାବୁଙ୍କ ସହ କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ସମ୍ପାଦକ ଗୁଣରଞ୍ଜନ ସାଲିମା, ସାଂସ୍କୃତିକ ସହ ସମ୍ପାଦକ ଯୋଗେଶ ନନ୍ଦ ଉପସ୍ଥିତ ଥିଲେ। ଅତିଥି ମାନେ ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ପ୍ରଦର୍ଶିତ ହେବା ଦ୍ୱାରା ଆମ ସମ୍ବଲପୁରୀ ଭାଷା ସାହିତ୍ୟ ଆହୁରି ବିକଶିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉଦ୍ୟମ ପାଇଁ ଆୟୋଜନ କମିଟି ସହ ବିଶେଷ ଭାବରେ ନାଟ୍ୟକାର ନିର୍ଦ୍ଦେଶକ ବବ୍ଲୁ ବାଗଙ୍କୁ ପ୍ରଶଂସା କରିଥିଲେ।

ଆଜି ଅପରାହ୍ଣରେ ମହାରାଜ କଂସ ସୁସଜ୍ଜିତ ରଥରେ ବିରାଜମାନ ହୋଇ ମନ୍ତ୍ରୀ ପାରିଷଦଙ୍କ ସହ ସାକ୍ଷୀପଡ଼ା, ଅଶୋକା ଟକିଜ ଛକ, ଲକ୍ଷ୍ମୀ ଟକିଜ ଛକ, ଗୋଲବଜାର ଛକ ହୋଇ ମଥୁରା ନଗରୀରେ ପହଞ୍ଚିଥିଲେ। ଏହାକୁ ଅନମୋଲ ଦାସ, ଲଳିତ ବେବର୍ତ୍ତା, ତର୍ପଣ ପ୍ରଧାନ, ନିଶିକାନ୍ତ ବିଶ୍ୱାଳ, ସୌମ୍ୟଜିତ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଦେବାହାଲ ସେବାଶ୍ରମ ସ୍କୁଲରେ ବାର୍ଷିକ ଉତ୍ସବ

**ଅତାବିରା, ୨୧।୧(ସମିସ):** ଅତାବିରା ବ୍ଲକ ଦେବାହାଲଠାରେ ସେବାଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲା ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭମ ମହାପାତ୍ର, କାଶୀଶ୍ୱର ବେହେରା, ବିନୟ ସାହୁ, ରାକେଶ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଘନଶ୍ୟାମ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜ୍ୟୋତ୍ସ୍ନାମୟୀ କର, ନିରଞ୍ଜନ ପାଢ଼ୀ, ପ୍ରୀତିପମା ସେଠ ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନ ସେବିକା ସବିତାରାଣୀ ରାୟଗୁରୁ ପୌରାହିତ୍ୟ କରିଥିଲେ। ଶେଷରେ ସେବିକା ବିଜଳୀ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକ ଦିବସୀୟ ତାଲିମ ଶିବିର

**ବରଗଡ଼, ୨୧।୧(ସମିସ):** କୃତାର୍ଥ ଆଚାର୍ଯ୍ୟ ସମବାୟ ପରିଚାଳନା କେନ୍ଦ୍ର ଆନୁକୂଲ୍ୟରେ ସମବାୟ ସମିତିଙ୍କ ସମାପନ କାର୍ଯ୍ୟଧାରା ଓ ସମିତିର ପୁନରୁଦ୍ଧାର ଉପରେ ତାଲିମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଜିତ ରଥଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଠାକୁର ରାମ ପଟେଲ, ଶରତ୍ ଲାଲ ସିଂହ ଅତିଥି ଭାବେ ଯୋଗ ଦେଇଥିଲେ।

## ତାଲବ କ୍ରିକେଟ କପ ଉଦ୍‌ଘାଟିତ

**ସମ୍ବଲପୁର, ୨୧।୧(ସମିସ):** ତାଲବ ଗ୍ରାମ ପଞ୍ଚାୟତରେ ବୁଧବାର ୫ ଦିନିଆ ତାଲବ କ୍ରିକେଟ କପ ଉଦ୍‌ଘାଟିତ ହୋଇଛି। ଅତିଥି ଭାବରେ ତାଲବ ଗ୍ରାମପଞ୍ଚାୟତର ଯୁବନେତା ଯୁଗଳ ବନଛୋର, ସହଦେବ ଓରାମ, ସମାଜସେବୀ ରାଜେଶ କୁମାର ଚଇନି, ବରିଷ୍ଠ ନେତା ଭବାନୀ ଶଙ୍କର ଭୋଇ, କୈବର୍ତ୍ତ କିଣ୍ଡୋ, ସତ୍ୟ ବାବୁ, ସରୋଜ ପାଣିଗ୍ରାହୀ, ଲଳିତ ରକ୍ସା, ସଚିନ ଜେନା, ବିରେନ କିସାନ, ରାଜୀବ ଠେଟୁଆ, ଅଶ୍ୱିନୀ କଣ୍ଡା, ସୁବାସ ଚନ୍ଦ୍ର ପଟେଲ, ୱାର୍ଡ ମେମ୍ବର ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ସକର୍ମା ଏବଂ ସମ୍ବଲପୁର ଫାଟକ ଦଳ ମ୍ୟାଚ ଖେଳିଥିଲେ। ସମ୍ବଲପୁର ଜିଲ୍ଲାର ୧୬ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି।

# ମହୁଲ ଓ ଦେଶୀ ମଦ ଜବତ; ଅଭିଯୁକ୍ତ ଫେରାର

**ଅମ୍ବାଭୋନା, ୨୧।୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ତିଲେଇମାଲ ଗ୍ରାମରେ ଅବକାରୀ ଅଧିକ୍ଷକ ସୁବର୍ଣ୍ଣ କୁମାର ନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଖୋଲା ତିଲେଇମାଲ ଘଞ୍ଚ ଜଙ୍ଗଲରେ ଚଢ଼ଉ କରାଯାଇଥିଲା। ମଦ ପ୍ରସ୍ତୁତକାରୀ ଫେରାର ହୋଇଯାଇଥିବା ବେଳେ ଚଢ଼ଉ ବେଳେ ୩୧୦୦ ଲିଟର ମହୁଲ ପୋଚ ଓ ୨୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହା ସହିତ ମଦ ପ୍ରସ୍ତୁତ ହୋଇଥିବା ସାମଗ୍ରୀକୁ ମଧ୍ୟ ଜବତ କରି ଜଙ୍ଗଲରେ ମହୁଲ ପୋଚକୁ ନଷ୍ଟ କରାଯାଇଛି। ଏହି ଚଢ଼ଉରେ ଭଟଲି ଅବକାରୀ ବିଭାଗର ସବ୍-ଇନ୍ସପେକ୍ଟର ଗୀତାଞ୍ଜଳୀ କୁମ୍ଭାର, କନେଷ୍ଟବଲ ସରସ୍ୱତୀ ବନଛୋର, ମଣ୍ଟୁ ସୁନା, ବେଦବ୍ୟାସ ଛନ୍ଦ ଓ ଅତାବିରା ଅବକାରୀ ବିଭାଗର ଇନ୍ସପେକ୍ଟର ଗୋକୁଳ ଧର, କନେଷ୍ଟବଲ ପ୍ରଦୀପ ସାହୁ, ସୁକାନ୍ତ ବଢେଇ, ହୃଦାନନ୍ଦ ବେହେରା, ଚନ୍ଦ୍ରକାନ୍ତ ଭୋଇ ଉପସ୍ଥିତ ଥିଲେ।

## ନବଦିବସୀୟ ଶ୍ରୀରାମ କଥା ଜ୍ଞାନ ଯଜ୍ଞ ଆରମ୍ଭ

**ଝାରବନ୍ଧ, ୨୧।୧(ସମିସ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ଛୋଟ ଅନକୀ ଗ୍ରାମ ପଞ୍ଚାୟତର ଘୁଚାପାଲି ଗ୍ରାମରେ ନବଦିବସୀୟ ଶ୍ରୀରାମ କଥା ଜ୍ଞାନ ଯଜ୍ଞ ଶୁଭାରମ୍ଭ ହୋଇଯାଇଛି। ଯଜ୍ଞାରମ୍ଭ ଅବସରରେ ଗ୍ରାମ ପୋଖରୀରୁ ୧୦୧ ଜଳପୂର୍ଣ୍ଣ କଳସ ଉଠାଇ ଶ୍ରୀରାମ ନାମ ସଙ୍କୀର୍ତ୍ତନ ମଧ୍ୟରେ ଶୋଭାଯାତ୍ରାରେ କାର୍ଯ୍ୟକ୍ରମ ସ୍ଥଳକୁ ଆଣାଯାଇଥିଲା। ଏହି ଯଜ୍ଞ ଛୋଟ ଅନକୀ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ସତ୍ୟମ ପ୍ରଧାନ ଓ ଘୁଚାପାଲି ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି। ଯଜ୍ଞଟି ଜାନୁଆରୀ ୨୦ରୁ ଆରମ୍ଭ ହୋଇଥିବା ବେଳେ ଜାନୁଆରୀ ୨୯ ପର୍ଯ୍ୟନ୍ତ ଚାଲିବ। ନବ ଦିନ ଧରି ଆଚାର୍ଯ୍ୟ ରାଜକୁମାର ଶ୍ରୀରାମ ଚରିତ ଓ ନୀତିମୟ ଜୀବନ ଦର୍ଶନ ଉପରେ କଥାମୃତ ପ୍ରବଚନ ପ୍ରଦାନ କରିବେ। ଯଜ୍ଞକର୍ତ୍ତା ଭାବରେ ସପତ୍ନୀକ ହରିହର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ଉମା ପ୍ରଧାନ ବେଦମନ୍ତ୍ର ଓ ବିଧିବିଧାନ ସହ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରଥମ ଦିନର କଳସଯାତ୍ରାରେ ରୁପାନନ୍ଦ ପ୍ରଧାନ, ତପନ ପ୍ରଧାନ, ଅନନ୍ତ ପ୍ରଧାନ, ସୁଶାନ୍ତ ପ୍ରଧାନ, ଜୟନ୍ତ ପ୍ରଧାନ, ବିଜୟ ପ୍ରଧାନ, ଦୀପକ ପ୍ରଧାନ, ଗଙ୍ଗାସାଗର ପ୍ରଧାନ ଓ କିରନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ସେବା ହି କର୍ମ ପକ୍ଷରୁ ରକ୍ତଦାନ ଶିବିର



**ସମ୍ବଲପୁର, ୨୧।୧ (ସମିସ):** 'ସେବା ହି କର୍ମ' ଅନୁଷ୍ଠାନ ତରଫରୁ ସ୍ଥାନୀୟ ମୁଦିପଡ଼ାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି କାର୍ତିକ କଲେତ ବ୍ୟକ୍ତିଗତ ଭାବେ ୪୨ ଥର ରକ୍ତଦାନ କରିବା ସହିତ ତାଙ୍କର ଧର୍ମପତ୍ନୀ ମଧ୍ୟ ରକ୍ତ ଦାନ କରିଥିଲେ। ଆଜି ତାଙ୍କର ୨୫ତମ ବିବାହ ବାର୍ଷିକୀ ରହିଥିଲା। ମୋଟ ୧୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଅତିଥି ଭାବରେ ଏବିସିଡି ଚାରିଟେବୁଲ ଟ୍ରଷ୍ଟର ରାଜେନ୍ଦ୍ର ସନ୍ନାମି, ସେବାର ସଭାପତି ଅମର ତାଣ୍ଡିଆ, ମହେସ ଗର୍ଡ଼ିଆ, ସମୀର ଲୁହା, ପ୍ରଶାନ୍ତ ପାତ୍ର, ଲିପ୍ସା ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା

**ଝାରବନ୍ଧ, ୨୧।୧ (ସମିସ):** ଝାରବନ୍ଧ ବ୍ଲକ କନ୍ଦାଡଙ୍ଗର ଗ୍ରାମପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ କନ୍ଦାଡଙ୍ଗର ପଞ୍ଚାୟତ ସରପଞ୍ଚ ସୁନୀଲ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ଝାରବନ୍ଧ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ସାନନ୍ଦ ସାହୁ, ଝାରବନ୍ଧ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ସାମ୍ବାଦିକ ମୋତିଲାଲ ବାଗ, ସିଆରସିସି ଗୋପାଳଚନ୍ଦ୍ର ହରିଜନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ପ୍ରଧାନ, ସିଆରସିସି ବିଷ୍ଣୁଚରଣ ସାହୁ ଓ ଜଗଦୀଶ ସେଠ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ଥିଲେ। ଏହି ଉତ୍ସବରେ କ୍ରିକେଟ ପ୍ରତିଯୋଗିତା ସହ ଦୌଡ଼, ଖୋ-ଖୋ ଭଳି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିପରି ନୃତ୍ୟ, ଗୀତ ଓ ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀ ଓ ଯୁବପିଢ଼ି ନିଜର ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନ କରିଥିଲେ। ଶିକ୍ଷକ ପ୍ରକାଶ ବାଗ ମଞ୍ଚ ପରିଚାଳନା କରିଥିଲେ।

## ଜର୍ଜ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ




**ବରଗଡ଼, ୨୧।୧(ସମିସ):** ଜର୍ଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। କ୍ରୀଡା ଶିକ୍ଷକ ହରିଶ ପାତ୍ର, ଭୂପେଶ ଚନ୍ଦ୍ର ପଧାନ, ଝରଣା ଦାଶ, ନିରଞ୍ଜନ ମହାକୁର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କବିସୂର୍ଯ୍ୟ ସାହୁ, କମିଟି ସଦସ୍ୟ ଅଶୋକ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଡୋଳାମଣି ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ସଭାପତିତ୍ୱ କରିଥିଲେ। ଶିକ୍ଷକ ସୁରେଶ ଦାଶ ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରଧାନ ଉପସ୍ଥିତ ଥିଲେ।

# କସଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଜମନକିରା, ୨୧।୧(ସମିସ):** ଜମନକିରା ବ୍ଲକ କସଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ମହକ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ତରଣୀ ସେନ କିଣ୍ଡୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ପଟେଲ, ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ଶିକ୍ଷକ ଅମୋଘ ବୈରୀ ଗଞ୍ଜନ ପଟେଲ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ପରିଶ୍ରମୀ ଓ ବିଦ୍ୟାନୁରାଗୀ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଦେବକୀ ନାଏକ, ଗୁଣ୍ଡରୁଚୁଆଁ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦିବ୍ୟା ମିଞ୍ଜ, ସୁବର୍ଣ୍ଣପାଲି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜିନ ଜର୍ଡିଆ, ଭାତପୁରା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରତନଲାଲ ସିଂ, କସଡା ସରପଞ୍ଚ ହୁତାସିନୀ ନାଏକ, ସମିତି ସଭ୍ୟା ସୁନନ୍ଦା କିସାନ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ରଣଜିତ ଗିରି, ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ପ୍ରୋସାହନ ଶତପଥି। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କ୍ରୀଡାରେ ରାଜ୍ୟସ୍ତରକୁ ଉନ୍ନୀତ ହୋଇଥିବା ଛାତ୍ର ଡିଲେଶ୍ୱର ଉଁଇଷା, ବାଳକ କ୍ରୀଡା ଚାମ୍ପିଅନ ପ୍ରହ୍ଲାଦ ଧୁରୁଆ, ବାଳିକା ବିଭାଗର ଚାମ୍ପିଅନ ଖୁସି ରଣା, ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ରୁବିରାଣୀ ରୋହିଦାସ, ଶ୍ରେଷ୍ଠ ହାଉସ ରୂପେ ସାବିତ୍ରୀ ବାଇ ହାଉସଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଓ ବିଦ୍ୟାଳୟର ଶିକ୍ଷକ ଗୌତମ ସାହୁ, ଲିଙ୍ଗରାଜ ପ୍ରଧାନ, ରୋହନ ନାୟକ, ଅନନ୍ତ ଚୌଧୁରୀ, ଦୁର୍ଗାପ୍ରସାଦ ବାଘ, ନବୀନା କିସାନ, ଦମୟନ୍ତୀ ଗରତିଆ, ରିମା କେରକେଟା ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟୀର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜଣେ ଶିକ୍ଷକରେ ଚାଲିଛି ଅନେକ ପ୍ରାଥମିକ ବିଦ୍ୟାଳୟ

ସମ୍ବଲପୁର, ୨୧।୧ (ସମିସ)



ସମ୍ବଲପୁର ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟା ଦେଖାଦେଉଛି। କେତେବେଳେ ଶିକ୍ଷକ ଅଭାବ ତ କେତେବେଳେ ପାନୀୟ ଜଳ ସମସ୍ୟା ବା ଛାତ୍ରୀମାନଙ୍କ ଶୌଚାଳୟ ସମସ୍ୟା। ସମ୍ବଲପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରାୟ ୨୦ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏ ଶିକ୍ଷକ ଶିକ୍ଷୟିତ୍ରୀ ଥିବା ଅଭିଯୋଗ ହେଉଛି। ଗତ ସୋମବାର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଝରେଇପାଲି, ଆ. କଟାପାଲିର ଛାତ୍ରଛାତ୍ରୀଙ୍କ ଅଭିଭାବିକ ଅଭିଭାବିକା ତଥା ଅଞ୍ଚଳବାସୀ ଅଧିକ ଶିକ୍ଷକ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କଠାରେ ଦାବି କରିଥିଲେ। ସେଠାରେ ଜଣେ ଶିକ୍ଷକରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ଯାଏ ପାଠପଢ଼ା ହେଉଛି। ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୪୭। ଏପରିସ୍ଥଳେ ଜଣେ ଶିକ୍ଷକ ବା ଶିକ୍ଷୟିତ୍ରୀ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଓ ଅନ୍ୟ ପରିଚାଳନା ଦାୟିତ୍ୱ ତୁଲାଇବା ସହ କିଭଳି ପାଠ ପଢ଼ାଉଥିବେ ତାହା ସହଜେ ଅନୁମେୟ। ପୁଣି ସମ୍ପ୍ରତି ଶିକ୍ଷକ ମାନଙ୍କୁ ଉପରିସ୍ଥ ଅଧିକାରୀଙ୍କୁ ପ୍ରତିଦିନ ଉପସ୍ଥାନ ଓ ଅନ୍ୟ ତଥ୍ୟ ଯୋଗାଇବାକୁ ପଡୁଛି।

ଏଭଳି କ୍ଷେତ୍ରରେ ଶିଶୁମାନେ କେବଳ ବିଦ୍ୟାଳୟକୁ ଯାଇ ସମୟ ଅବଧି ବିତାଇବା ପରେ ଘରକୁ ଫେରିବା ସାର ହେଉଛି। ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ରହିଛି। ବିଦ୍ୟାଳୟ ଗୁଡ଼ିକରେ ୨୦ରୁ ଆରମ୍ଭ କରି ୧୦୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଅଭ୍ୟନ୍ତର ଅଞ୍ଚଳରେ ଥିବା ସରକାରୀ ବିଦ୍ୟାଳୟ ଉପରେ ଶିଶୁର ଖଡ଼ିଛୁଆଁ ଓ ବିଦ୍ୟାଳୟ ପରିବେଶରେ ଶୃଙ୍ଖଳିତ ଆରମ୍ଭ ପାଇଁ ସମସ୍ତେ ପ୍ରାଥମିକ ବିଦ୍ୟାଳୟ ନିର୍ଭର କରିଥାନ୍ତି। ଅନ୍ୟ ବିଦ୍ୟାଳୟ ଗୁଡ଼ିକର ଦୂରତା ଅଧିକ ହେବାସହ ବାପା ମା' ଚାଷ ଓ ଅନ୍ୟ କର୍ମରେ ନିୟୋଜିତ ଥିବାରୁ ପାଠ ପଢ଼ାଇବା ସମ୍ଭବପର ହୁଏ ନାହିଁ। ଜଣେ ମାତ୍ର ଶିକ୍ଷକରେ ବିଦ୍ୟାଳୟ ଚାଲିବା ଏବଂ ବିଭିନ୍ନ ଶ୍ରେଣୀ ଥିବାରୁ ଶିଶୁମାନେ ବହୁଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅଭିଭାବକମାନେ ବ୍ଲକ ଶିକ୍ଷା ପ୍ରଶାସନଠାରୁ ଆରମ୍ଭ କରି ଶିକ୍ଷାଧିକାରୀ ଏବଂ ଜିଲ୍ଲାପାଳ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ତାହାର ସମାଧାନ ହୋଇପାରୁନାହିଁ। ଜଣେ ଶିକ୍ଷକ ଥିବା ବିଦ୍ୟାଳୟ ଗୁଡ଼ିକ କିପରି ଚାଲିଛି ତାହାକୁ ନେଇ ଶିକ୍ଷାବିତ୍ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ମତାମତ ମିଳିପାରିନାହିଁ।

# ଫେବୃଆରୀ ୮ରେ ବିଶାଳ ହିନ୍ଦୁ ସମ୍ମିଳନୀ

**ରେଢ଼ାଖୋଲ, ୨୧।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲରେ ହେବ ବିଶାଳ ହିନ୍ଦୁ ସମ୍ମିଳନୀ। ଏହି ଅବସରରେ ବୁଧବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରସ୍ତୁତି ବୈଠକ ସହ ପରିଚାଳନା କମିଟି ଗଠନ କରାଯାଇଛି। ହିନ୍ଦୁ ସମ୍ମିଳନୀ ସମିତି ରାମପୁର (ରେଢ଼ାଖୋଲ) ର ସଭାପତି ଭାବେ କରୁଣାକର ପ୍ରଧାନ, ଉପସଭାପତି ତ୍ରିଲୋଚନ ସାହୁ, ପୁରୁଷୋତ୍ତମ ଅଗ୍ରୱାଲ, ସମ୍ପାଦକ ଇଶ୍ୱର ଚନ୍ଦ୍ର ପୃଷ୍ଟି, ସହସମ୍ପାଦକ ଦୁଃଖବନ୍ଧୁ ପ୍ରଧାନ, କୋଷାଧ୍ୟକ୍ଷ ପଞ୍ଚାନନ ଗଡ଼ନାୟକ ଓ ସଂଯୋଜକ ଭାବେ ସୁଜିତ ପ୍ରଧାନ, ଦେବବ୍ରତ ସାହୁ, ପ୍ରକାଶ ମୁଖୀ, ବାବା ବିଷ୍ଣୁ, ବ୍ରହ୍ମ ଅବଧୂତ ବାବା ଆନନ୍ଦ ଚନ୍ଦ୍ର ଦାଶ, ଗଣେଶ୍ୱର ପ୍ରଧାନ ଓ ଧିରେନ ସାହୁଙ୍କୁ ସର୍ବସମ୍ମତି କ୍ରମେ ନୂତନ ଦାୟିତ୍ୱ ଦିଆଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ଉଦୟ ନାଥ ପ୍ରଧାନ, ସନ୍ତୋଷ ରଥ, ରାଜୁ ପରମାର, ମହାବୀର ସିଂ ଦେଓ, ଅନୁସୟା ଭୋଇ, ଅମରେଶ ନାଏକ, ରାଜା ପ୍ରଧାନ, ଶ୍ରୀୟାଂସୁ ମହାପାତ୍ର, ତୁଷାର ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ଫେବୃୟାରୀ ୮ ତାରିଖରେ ରେଢ଼ାଖୋଲ ସହରର ସ୍ଥାନୀୟ କଦମ୍ବ ପଡ଼ିଆରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ ଓ ସେବା ଯଜ୍ଞ ସହ ସନାତନ ହିନ୍ଦୁ ଧର୍ମର ଏକ ଭବ୍ୟ ଉତ୍ସବ ହେବ। ବୈଠକରେ ରାମକୃଷ୍ଣ ନାଏକ, ଖଗେଶ୍ୱର ବେହେରା, ସୁରଥ ସାହୁ, ସୁବାସ ପ୍ରଧାନ, ଦିଲୀପ ପ୍ରଧାନ, ବିରଞ୍ଚି ପ୍ରଧାନ, ସନ୍ତୋଷ ପ୍ରଧାନ, ରାଜାପାଲ, ସୁଷମା ମୁଣ୍ଡାଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।



# ଫିରିଙ୍ଗିମାଲ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ତଦାରଖ କଲେ ବିଡିଓ

**ଗାଇସିଲେଟ, ୨୧।୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଫିରିଙ୍ଗିମାଲ ପଞ୍ଚାୟତ ଛିଦ୍ରାପାଲି ଗ୍ରାମରେ ମନରେଗା ଯୋଜନାରୁ ଚାଲିଥିବା ଟିସିବି କାମ ଏବଂ ଆଦର୍ଶ ପୋଖରୀ ଉନ୍ନତିକରଣ, ନିର୍ମାଣଧୀନ ଅଙ୍ଗନୱାଡି ସେଣ୍ଟର କାର୍ଯ୍ୟ ତଦାରଖ କରିଥିବା ବେଳେ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ଟଙ୍କା ଆକାଉଣ୍ଟରେ ପଡୁନଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। ଦାଦନ ପ୍ରବଣ ବ୍ଲକ ପାଇଁ ମନରେଗା ଯୋଜନାରେ ରାଜ୍ୟ ସରକାର ୧୦୦ ଦିନରୁ ୩୦୦ ଦିନକୁ ବୃଦ୍ଧି କରିବା ସହ ୯୮ ଟଙ୍କା ବର୍ଦ୍ଧିତ ମଜୁରୀ ଦେବା ପାଇଁ ଘୋଷଣା କରିଛନ୍ତି। ଯାହା ଫଳରେ ଲୋକେ ବାହାର ରାଜ୍ୟକୁ କାମ କରିବା ପାଇଁ ନ ଯାଇ ନିଜ ଭିଟାମାଟିରେ ରହି ବର୍ଷକୁ ୩୦୦ ଦିନ କାମ ପାଇ ପାରିବେ। ଶ୍ରମିକ ସ୍ଥାନାନ୍ତରଣ ରୋକିବା ଓ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ



ରାଜ୍ୟ ସରକାରଙ୍କ ଏହି ବଳିଷ୍ଠ ପଦକ୍ଷେପ ବିଷୟରେ ଲୋକମାନଙ୍କୁ ସଚେତନ କରିଥିବା ବେଳେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରି ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରତି ଶ୍ରମିକ ପରିବାରଙ୍କୁ ୩୦୦ ଦିନ ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ଅନ୍ୟାନ୍ୟ ସରକାରୀ ଯୋଜନା ଯୋଗାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତେ ପଣ କରନ୍ତୁ ବୋଲି ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଏପିଓ କେତନ ପଧାନ ଏବଂ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ତ୍ତିକେଶ୍ୱର ବେହେରାଙ୍କୁ ମନରେଗା ଯୋଜନାରେ ଅଧିକରୁ ଅଧିକ ଲୋକଙ୍କୁ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ବିଜେପୁରରେ ମାଁ ତାରିଣୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା

**ବିଜେପୁର, ୨୧।୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁରସ୍ଥିତ ଆନନ୍ଦ ନଗରରେ ମାଁ ତାରିଣୀ ମନ୍ଦିର ଓ ଶ୍ରୀହନୁମାନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସମାରୋହରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା, ପାର୍ଶ୍ୱ ଦେବତା ପୂଜା ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିବସରେ ସକାଳୁ ନିତି-କାନ୍ତି ଅନୁଯାୟୀ ପୂଜକଙ୍କ ଦ୍ୱାରା ପୂଜା, ଅର୍ଚ୍ଚନା, ମଙ୍ଗଳ ଆରତି ଓ ବିଶେଷ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହା ପରେ ମାଁ ତାରିଣୀ, ଶ୍ରୀହନୁମାନ ଓ ପାର୍ଶ୍ୱ ଦେବାଦେବୀମାନଙ୍କର ମହାସ୍ନାନ



ବିଧିବିଧାନ ସହ ସମ୍ପନ୍ନ ହୋଇଥିଲା। ମହାସ୍ନାନ ଅବସରରେ ହଜାର ସଂଖ୍ୟାରେ ମହିଳା ହରିଦ୍ରା ଲେପନ କରି ୮୧ଟି ପୂର୍ଣ୍ଣ ଜଳକଳସ ନେଇ ଦେବୀ ଦେବତାଙ୍କୁ ସ୍ନାନ କରାଇଥିଲେ। ଏହାପରେ ପ୍ରାଣପ୍ରତିଷ୍ଠା ବିଧି ନିୟମାନୁସାରେ ସମ୍ପନ୍ନ ହୋଇ ଏକ ଗଭୀର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।ମୁଖ୍ୟ ପୁରୋହିତ କିଶୋର ଚନ୍ଦ୍ର ପୂଜାରୀଙ୍କ ମାର୍ଗଦର୍ଶନରେ ୯ ଜଣ ପଣ୍ଡିତ ବେଦମନ୍ତ୍ର, ଚଣ୍ଡିପାଠ ଓ ମନ୍ତ୍ରୋଚ୍ଚାରଣ କରିଥିଲେ। ମାଁ ତାରିଣୀ ମନ୍ଦିର କମିଟିର ସଭାପତି ଜଗଦୀଶ ମହାପାତ୍ର, ସମ୍ପାଦକ ହିମାଂଶୁ ଶେଖର ସାହୁ ଓ କୋଷାଧ୍ୟକ୍ଷ ପ୍ରେମରାଜ ପଟେଲଙ୍କ ସମେତ ପୂଜା କମିଟି, ଶ୍ରଦ୍ଧାଳୁଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଜୀବିତ ଚାଷୀଙ୍କୁ ମୃତ ଦର୍ଶାଇ ଧାନ ବିକ୍ରି ବନ୍ଦ

# ଆଧାର ତ୍ରୁଟିରୁ ମଣ୍ଡିରୁ ଘରକୁ ଫେରିଲା ଧାନ

**ବରଗଡ଼, ୨୧।୧(ସମିସ)**

ଆଧାର ଡାଟାବେସର ଗୁରୁତର ତ୍ରୁଟି ଯୋଗୁଁ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ପିପିଲିପାଲି ଗ୍ରାମର ଜଣେ ଚାଷୀ ନିଜ ଅମଳ ଧାନ ବିକ୍ରି କରିପାରୁନଥିବା ଘଟଣା ସାମ୍ନାକୁ ଆସିଛି। ଜୀବିତ ଥିବା ସତ୍ତ୍ୱେ ଆଧାରରେ ମୃତ ଦର୍ଶାଯାଉ ଥିବାରୁ ଚାଷୀ ଗଭୀର ଆର୍ଥିକ ଓ ମାନସିକ ସଙ୍କଟରେ ପଡ଼ିଛନ୍ତି। ପିପିଲିପାଲି ଗ୍ରାମର ଚାଷୀ ଟଙ୍କଧର ଗିରି (ଆଧାର ନଂ ୯୮୬୬୮୩୭୧୪୦୪୫) ଟୋକନ ନମ୍ବର ୨୯୬୧୬୦ ଅନୁଯାୟୀ ୨୮କୁଇଣ୍ଟାଲ ୮୬ କେଜି ଧାନ ବିକ୍ରି ପାଇଁ ବୁଡ଼ାପାଲି ଧାନ କ୍ରୟ କେନ୍ଦ୍ରରେ ଧାନ ଦେଇଥିଲେ। କିନ୍ତୁ ଆଖି ସ୍କାନ ସମୟରେ ସିଷ୍ଟମରେ ଆଧାର ସମ୍ପର୍କିତ ତ୍ରୁଟି ଦର୍ଶାଯିବାରୁ ଧାନ କ୍ରୟ ସମ୍ଭବ ହୋଇନଥିଲା। ଚାଷୀଙ୍କ କହିବାନୁସାରେ, ସେ ସମ୍ପୂର୍ଣ୍ଣ ଜୀବନ୍ତ ଓ ସମସ୍ତ କାଗଜପତ୍ର ସଠିକ୍ ଥିବା



ସତ୍ତ୍ୱେ ଆଧାର ଡାଟାବେସରେ ତାଙ୍କ ନାମରେ ଭୂଲ ତଥ୍ୟ ଦର୍ଶାଯାଉଛି। ଜାନୁଆରୀ ୩ ତାରିଖରେ ଟୋକନର ଶେଷ ସମୟ ସମାପ୍ତ ହୋଇଯାଇଥିଲେ ମଧ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ହୋଇନଥିଲା। ବିଜେପୁର ଆଧାର କେନ୍ଦ୍ରରେ ଯାଞ୍ଚ ପରେ ଆଧାର ଡିଆକ୍ଟି ଭେଟେଡ ଡିୟୁ ଟୁ ଡିକେଜ୍ ଷ୍ଟାଟସ ବୋଲି ସୂଚନା ଦିଆଯାଇ ଭୁବନେଶ୍ୱରକୁ ଯିବାକୁ ପରାମର୍ଶ ମିଳିଥିଲା। ଚାଷୀ ଜିଲ୍ଲାପାଳ ବରଗଡ଼ ଓ ଭୁବନେଶ୍ୱର ଆଧାର କେନ୍ଦ୍ରରେ ସମସ୍ତ କାଗଜପତ୍ର ଦାଖଲ କରିଥିଲେ ମଧ୍ୟ ସମୟ ଭିତରେ ସମାଧାନ ନ ମିଳିବାରୁ ଶେଷରେ ମଣ୍ଡିରୁ ଧାନ ଘରକୁ ଫେରାଇ ଆଣିବାକୁ ବାଧ ହୋଇଛନ୍ତି।ଏହି ଘଟଣା ଧାନକ୍ରୟ ବ୍ୟବସ୍ଥାର ପ୍ରାଯୁକ୍ତିକ ତ୍ରୁଟିକୁ ସାମ୍ନାକୁ ଆଣିଥିବା ବେଳେ ଚାଷୀଙ୍କ ଆର୍ଥିକ କ୍ଷତି ପାଇଁ ଦାୟୀ କିଏ ବୋଲି ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି ଏବଂ ଆହୁରୀ ଏନେକ ଚାଷୀଙ୍କ ଏହିପରି ମଣ୍ଡିରେ ଧାନ ପକାଇ ସରକାରଙ୍କ ତ୍ରୁଟିପୂର୍ଣ୍ଣ କେନ୍ଦ୍ରୀକରଣ ବ୍ୟବସ୍ଥା କାରଣରୁ ଟୋକନ ଲ୍ୟାପ୍ସ ହୋଇଅଛି। ଏଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆନ୍ଦୋଳନମ୍‌କ ପନ୍ଥା ଅବଲମ୍ବନ କରିବା ପାଇଁ ବାଧ ହେବୁ ବୋଲି ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଚେତାବନୀ ଦେଇଛନ୍ତି।

# ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବରଗଡ଼, ୨୧।୧(ସମିସ):** ଗତ ୨୦୧୮ ମସିହା ନଭେମ୍ବର ୨୮ ତାରିଖରେ ବରଗଡ଼ ସଦର ଥାନା ନିଲେଶ୍ୱର ଗ୍ରାମରେ ଘଟିଥିବା ହତ୍ୟା ମାମଲାର ବିଚାର କରି ବରଗଡ଼ ଜିଲ୍ଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନ ଅଭିଯୁକ୍ତ ନୀଳ ଓରଫ ନିରାକାର ସାହୁଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ମୋକଦ୍ଦମାକୁ ବରିଷ୍ଠ ଆଇନଜିବୀ ଶରଦ କୁମାର ପ୍ରଧାନ ପରିଚାଳନା କରିଥିଲେ। ମୋକଦ୍ଦମା ପରିଚାଳନା ରେ ସହଯୋଗ କରିଥିଲେ ଆଇନଜିବୀ ପ୍ରଦୀପ କୁମାର ଦାଶ ଓ ସରୋଜ କୁମାର ଜେନା। ଘଟଣାର ବିବରଣୀ ଅନୁଯାୟୀ ଗତ ୨୦୧୮ ମସିହା ନଭେମ୍ବର ୨୮ ତାରିଖରେ ବରଗଡ଼ ସଦର ଥାନା ନିଲେଶ୍ୱର ଗ୍ରାମର ଗଙ୍ଗାଧର ସାହୁଙ୍କୁ କେହି ଜଣେ ଫୋନ୍ ଯୋଗେ ତୁମ ସ୍ତ୍ରୀ ନୁରା ଓରଫ ଝସନେତ୍ରୀ ସାହୁଙ୍କ କ୍ଷତ ବିକ୍ଷତ ମୃତଦେହ ତୁମ ପୋଟଲ ବାରିରେ ପଡ଼ିଛି ବୋଲି କହିଥିଲେ। ଏହି ଘଟଣା ପରେ ମୃତ ଝସନେତ୍ରୀଙ୍କ ସ୍ୱାମୀ ଗଙ୍ଗାଧର ସାହୁ ବରଗଡ଼ ସଦର ଥାନାରେ ଲିଖିତ ଏତଲା ଦେଇଥିଲେ। ଉକ୍ତ ଏତଲାକ୍ରମେ ସଦର ଥାନାର ତତ୍ କାଳୀନ ଥାନାଅଧିକାରୀ ସଦର ଥାନା କେଶ ନମ୍ବର ୨୬୫/୨୦୧୮ରେ ହତ୍ୟା ମୋକଦ୍ଦମା ରଜୁ କରିଥିଲେ। ଅଭିଯୋଗର ତଦନ୍ତ କରିବା ପରେ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପଥର୍ଲା ଗ୍ରାମର ନୀଳ ଓରଫ ନିରାକାର ସାହୁଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ବରଗଡ଼ ଜିଲ୍ଲା ଓ ଦୌରା ଜଜ୍ ଅନୁପ କୁମାର ଚନ୍ଦନ ୧୮ ଜଣ ସାକ୍ଷ୍ୟଙ୍କ ବୟାନ ଅନୁଯାୟୀ ଅଭିଯୁକ୍ତ ନିରାକାରକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ତମାଖୁ ମୁକ୍ତ ସଚେତନତା ପଦଯାତ୍ରା

**ପଦ୍ମପୁର, ୨୧।୧(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପକ୍ଷରୁ ପୋଷ୍ୟଗ୍ରାମ ଚାରପାଲିରେ ଚାଲିଥିବା ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ବୁଧବାର ତୃତୀୟ ଦିବସରେ ପହଞ୍ଚିଛି। ପ୍ରାତଃ ସମୟରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଯୋଗାଭ୍ୟାସ କରାଯିବା ସହ ମହାବିଦ୍ୟାଳୟ ଓ ଚାରପାଲି ଗ୍ରାମ ପରିସର ସଫେଇ କରାଯାଇଥିଲା। ଏହାପରେ ଚାରପାଲିରେ 'ତମାଖୁ ମୁକ୍ତ ସଚେତନତା' ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ପ୍ରାକ୍ତନ ଅଧ୍ୟାପକ ଅର୍ଜ୍ଜୁନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ




ରବୀନ୍ଦ୍ର ନାଏକ ମୁଖ୍ୟବକ୍ତା ଭାବେ ଯୋଗଦେଇ ତମାଖୁ ବ୍ୟବହାରର କୁପରିଣାମ ବିଷୟରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସଞ୍ଜୟ ତିଗା ଓ ଭୁବନେଶ୍ୱର ବରିହା କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପିକା ଝୁନୁ ପରିଡ଼ା, ଅଧ୍ୟାପକ ଡ଼ ସରୋଜ କୁମାର ନାଏକ, ଅଧ୍ୟାପିକା ଡ. ମମତାମୟୀ ଗୁରୁ ଓ ସୁରେଶ୍ୱରୀ ପାଣ୍ଡେ ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପରିଶେଷରେ କାର୍ଯ୍ୟକ୍ରମ ଅଧିକାରୀ ବୁନି ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶରଧାପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗାଇସିଲେଟ, ୨୧।୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଶରଧାପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉକିଲ ପାଣ୍ଡେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ଏବିଡିଓ ଭୀଷ୍ମ ମାଝୀ, ଜିଲ୍ଲାପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ସମିତିସଭ୍ୟ ଦେବେନ୍ଦ୍ର ଯୋଷୀ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଣ୍ଡା, ପରମେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ମନୋରଞ୍ଜନ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନନ୍ଦକିଶୋର ମେହେର ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉକିଲ ପାଣ୍ଡେ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷା ହେଉଛି ସମାଜ ପରିବର୍ତ୍ତନର ସବୁଠାରୁ ବଡ଼ ଅସ୍ତ୍ର ଏକ ଶିକ୍ଷିତ ଛାତ୍ର ଏକ ସଚେତନ ନାଗରିକ। ଏକ ସଚେତନ ନାଗରିକ ହେଉଛି ଏକ ସଶକ୍ତ ରାଷ୍ଟ୍ରର ଭିତ୍ତି। ସମାଜକୁ ଏମିତି ଶିକ୍ଷା ଦରକାର ଯାହା କେବଳ ଚାକିରି ନୁହେଁ ଚରିତ୍ର ଗଢ଼ିବ ଛାତ୍ରଛାତ୍ରୀମାନେ ଶିକ୍ଷା ସହିତ ସଂସ୍କାର, ସିଷ୍ଟାଚାର ଓ ଦେଶ ପ୍ରେମକୁ ନିଜ ଜୀବନର ଅଂଶ କରିବା ସହିତ ଲକ୍ଷ ସ୍ଥିର କରି କଠିନ ପରିଶ୍ରମ କଲେ ଛାତ୍ର ଛାତ୍ରୀ ମାନେ ସଫଳତା ର ଶୀର୍ଷରେ ପହଞ୍ଚି ପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ନିରଞ୍ଜନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ମହାବଳୀ ବରବରି ନାମକ ଏକ ଗୀତିନାଟ୍ୟ ଛାତ୍ରଛାତ୍ରୀ ପରିବେଷଣ କରିଥିବା ବେଳେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ବିନ୍ଧୁ ବରିହା, ବିକାଶ ଚନ୍ଦ୍ର ରଣା, ନନ୍ଦକିଶୋର ବେହେରା, ଉମାକାନ୍ତ ସେଠ, କପୂର୍ଚନ ବରିହା, ଖିରେଶ୍ୱରି ବିଶି, ମିତ୍ର ବିନ୍ଦା ଦାଶ, ଦଶମଣି ସାହୁ, ସୋମପ୍ରୀୟା ପଣ୍ଡା, ଦିଲେଶ୍ୱରି ପାତ୍ର, କାଦମ୍ବିନୀ ଭୋଇ ଓ ସମସ୍ତ ଅଣ ଶିକ୍ଷକ କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ପ୍ରୟାସରେ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିଲା। ଶେଷରେ ସ୍କୁଲ ପରିଚାଳନା କମିଟି ଅଧକ୍ଷ ଚିତ୍ତରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମହର୍ଷି ଦୟାନନ୍ଦ ଗୁରୁକୁଳ ଯୋଗାଶ୍ରମ

# ଉପନୟନ ବେଦାରମ୍ଭ ସଂସ୍କାର ଉତ୍ସବ

**ପାଇକମାଳ, ୨୧।୧ (ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଜର୍ଜଗଡ଼ସ୍ଥିତ ମହର୍ଷି ଦୟାନନ୍ଦ ଗୁରୁକୁଳ ଯୋଗାଶ୍ରମ ରେ ମଙ୍ଗଳବାର ହୋମଯଜ୍ଞ ସହ ଉପନୟନ ଓ ବେଦାରମ୍ଭ ସଂସ୍କାର ହୋଇଯାଇଛି। ଏଠାରେ ରହୁଥିବା ୧୧୦ ବ୍ରହ୍ମଚାରୀ ମାନେ ଭୋରରୁ ନିତ୍ୟ କର୍ମ ସାରି ପ୍ରାର୍ଥନା କରିଥିଲେ। ସକାଳ ଆଠଟା ସମୟରେ ୨୫ ଜଣ ନୂତନ ପ୍ରବୀଷ୍ଟ ବାଳକମାନଙ୍କୁ ଉପନୟନ ଓ ବେଦାରମ୍ଭ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବ୍ରହ୍ମା ଭାବରେ ଗୁରୁକୁଳ ଆମସେନାର ବିଖ୍ୟାତ ବ୍ରତାନନ୍ଦ ସରସ୍ୱତୀ ଉପନୟନ କାର୍ଯ୍ୟ କରିଥିବାବେଳେ ଆଚାର୍ଯ୍ୟ ନରଦେବ ଯଜୁର୍ବେଦୀ ବେଦାରମ୍ଭ ସଂସ୍କାର ନୀତି ନିୟମ ଅନୁସାରେ କରିଥିଲେ। ଏହାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରତାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ ନରଦେବ ଯଜୁର୍ବେଦୀ, ଆଚାର୍ଯ୍ୟ ସାରଦାଜି ବେଦଲଙ୍କାର, ବିଦ୍ୟା ଶତପଥୀ, ଆଚାର୍ଯ୍ୟ ଅନନ୍ତ ଶାସ୍ତ୍ରୀ, ବଡ ଶତପଥୀ, ଭୁବନେଶ୍ୱର ଶାସ୍ତ୍ରୀ, ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଗୁରୁକୁଳ ଛାତ୍ର ଓ କନ୍ୟାଗୁରୁକୁଳର ଛାତ୍ରୀମାନଙ୍କୁ ଆଶୀର୍ବାଦ କରି ଭଲ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଏହାପରେ ଛାତ୍ରମାନେ ବିଭିନ୍ନ ପ୍ରକାରର ଯୋଗ ଓ ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। ସୁନୀଲଜୀ, ବିକାଶଜୀ, ଚନ୍ଦ୍ରଧି?ଜଜୀ, ବିମଳଜୀ ପ୍ରମୁଖ ବିଭିନ୍ନ କାମରେ ସହଯୋଗ କରିବା ସହ ସମସ୍ତ କାମ ପରିଚାଳନ ରେ ସାହାଯ୍ୟ କରିଥିଲେ। ସମସ୍ତଙ୍କୁ ଭୁବନେଶ୍ୱର ଶାସ୍ତ୍ରୀ ଧନ୍ୟବାଦ ଦେଇଥିଲେ।

# ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍ ଉଦ୍‌ଘାଟିତ

**ଦହିତା, ୨୧।୧(ସମିସ):** ପଦ୍ମପୁର ନିକଟସ୍ଥ ଖଇରପାଲି ହାଇସ୍କୁଲ ପଡ଼ିଆରେ ଗୋଲ୍ଡେନଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଖଇରପାଲି ଜଗନ୍ନାଥ କମିଟିର ସମସ୍ତ ସଦସ୍ୟ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଥମ ଦିନ ଖେଳରେ ୪ଟି ଦଳ ମଧ୍ୟରୁ କେନ୍ଦ୍ରାପଡ଼ା କ୍ୱାଟର ଫାଇନାଲ ମ୍ୟାଚ୍‌ରେ ବଲାଙ୍ଗୀରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଦିନର ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବରେ ପଦ୍ମପୁରର ବରିଷ୍ଠ ସାମ୍ବାଦିକ ରତ୍ନମଣି ଶତପଥି, ନିଳକଣ୍ଠ ଦୀପ, କିରଟି ସାହୁ, ଡିଲେଶ୍ୱର ବାଗ, ସୁଦାମ ପ୍ରଧାନ, ଅଶ୍ୱିନୀ ଧରୁଆ ପ୍ରମୁଖ ଯୋଗଦେଇ ମେନ୍ ଅଫଦି ମ୍ୟାଚ ଭାବରେ କେନ୍ଦ୍ରାପଡ଼ା ଦଳର ଲକୀଙ୍କୁ ପୁରସ୍କୃତ ପ୍ରଦାନ କରିଥିଲେ। ଜାନୁୟାରୀ ୨୫ ତାରିଖ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ମାନେ




ସୂଚନା ଦେଇଛନ୍ତି। ପ୍ରଥମ ଦିନର ମ୍ୟାଚକୁ ଅମ୍ପାୟାର ସନମ ସାହୁ, ଉମେଶ ଭୋଇ ଏବଂ ସୁଜିତ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ସୁନୀଲ, ସନ୍ତୋଷ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ବୁଦ୍ଧଦେବ ମହାରଣା ଓ କୁମାର ଆନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ। ସାନୁ, ଚନ୍ଦନ, ଗୋକୁଳ, ଉମେଶ, ଆକାଶ, ସୁଜିତ, ବିକାଶ, ଅର୍ଜୁନ, ସନ୍ତୋଷ, ଦୟା, ରୋହନ, ସୁଶୀଲ, କ୍ୟାମେରା ମେନ ପପୁ, ଦେବା, ପ୍ରଦୀପ, ଯତୀନ, ଜଗନ୍ନାଥ, ଓ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

# ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ହାର୍ଟ ସିପିଆର ସେମିନାର

**ବରଗଡ଼, ୨୧।୧(ସମିସ):** ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ବୁଧବାର ଦିନ ଅଷ୍ଟମ ଓ ନବମ ଶ୍ରେଣୀର ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ହୃଦୟ ସିପିଆର ବିଷୟରେ ଅତ୍ୟନ୍ତ ଉପଯୋଗୀ ଓ ସଚେତନତା ବଢ଼ାଇବା ଉଦ୍ଦେଶ୍ୟରେ ସେମିନାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କରନ ସାହୁ, ଏକାଡ଼େମୀକ ସଂଯୋଜିକା ସୀମା ସାହୁ, ସଂଯୋଜିକା ସୁଶ୍ରୀ ରୀତା ନାୟକ ଓ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଉପସ୍ଥିତ ଥିଲେ।ସେମିନାରର ମୁଖ୍ୟବକ୍ତା ଥିଲେ ଡ଼. ସୌରଭ କୁମାର ପାଣିଗ୍ରାହୀ (ସିନିୟର ହୃଦୟ ବିଶେଷଜ୍ଞ, କିଶୋରୀ ନର୍ସିଂ ହୋମ, ବରଗଡ଼)। ସେ ଛାତ୍ରଛାତ୍ରୀଙ୍କୁ ସରଳ ଓ ଆକର୍ଷଣୀୟ ଶୈଳୀରେ ହୃଦୟର ଆପାତକାଳୀନ ପରିସ୍ଥିତିରେ ଜୀବନ ରକ୍ଷାକାରୀ ସିପିଆର ପ୍ରଣାଳୀ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।ଡ଼ା. ପାଣିଗ୍ରାହୀ କହିଥିଲେ ଯେ, ହଠାତ୍ ହୃଦସ୍ପନ୍ଦନ ବନ୍ଦ ହେଲେ ଠିକ୍ ସମୟରେ




ଓ ସଠିକ୍ ପ୍ରକାରରେ ଦିଆଯାଇଥିବା ସିପିଆର ଦ୍ୱାରା ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇ ହେବ। ସେ ହୃଦଘାତର ଲକ୍ଷଣ, ଆପାତକାଳୀନ ପରିସ୍ଥିତିରେ ବ୍ୟସ୍ତ ନ ହୋଇ ଶୀଘ୍ର ସିଦ୍ଧାନ୍ତ ନେବା ଏବଂ ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ସିପିଆର ଦେବାର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ।ସେମିନାର ସମୟରେ ଛାତ୍ରଛାତ୍ରୀଙ୍କୁ ସିପିଆରର ସଠିକ୍ ପ୍ରକ୍ରିୟା, ହାତର ସଠିକ୍ ଅବସ୍ଥାନ, ଚାପର ଗଭୀରତା ଓ ଗତି ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ଦିଆଯାଇଥିଲା। ଡ଼.ପାଣିଗ୍ରାହୀ ଡେମୋ ମାଧ୍ୟମରେ ସିପିଆର ପ୍ରଣାଳୀ ବୁଝାଇଥିଲେ।ସମସ୍ତ ଛାତ୍ରଛାତ୍ରୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ପାଇଁ ପ୍ରମାଣପତ୍ର ମଧ୍ୟ ଦିଆଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ପ୍ରଧାନଶିକ୍ଷକ କରନ ସାହୁ ଡ଼.ସୌରଭ କୁମାର ପାଣିଗ୍ରାହୀଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କ ଦ୍ୱାରା ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ଚିହ୍ନଟୀକରଣ ଶିବିର

**ପଦ୍ମପୁର, ୨୧।୧(ସମିସ):** ରାଜବୋଡାସମ୍ବର ଗୋଷ୍ଠୀ ସାଧନକେନ୍ଦ୍ରରେ ଆଲମିକୋ, ଭୁବନେଶ୍ୱରରୁ ଆସିଥିବା କୁମାରୀ ଧରିତ୍ରୀ ଗଡ଼ତିଆ, ଶ୍ରବଣ ବିଶେଷଜ୍ଞ, କୁମାରୀ ଅନ୍ୟନ୍ୟା ଓଝା, ଅସ୍ଥି ଓ ସ୍ନାୟୁଗତ ବିଶେଷଜ୍ଞଙ୍କ ଉପସ୍ଥିତିରେ ୬୮ ଜଣ ଛାତ୍ରଛାତ୍ରୀଙ୍କ ଚିହ୍ନଟୀକରଣ କରାଯାଇ ୨୨ ଜଣଙ୍କୁ ଶ୍ରବଣଯନ୍ତ୍ର ବଣ୍ଟନ କରାଗଲାଏ ଜଣକୁ ସିପି ଚେୟାର, ଜଣକୁ ସୁଗମ୍ୟା ଆଶାବାଡି, ୫ଜଣକୁ ରୋଲେଟର, ୧୩ଜଣଙ୍କୁ ଶିକ୍ଷଣ ଉପକରଣ ଏବଂ ୫ଜଣଙ୍କୁ ବଡ଼ ହ୍ୱିଲ ଚେୟାର ପ୍ରଦାନ କରିବା ପାଇଁ ସ୍ଥିରୀକୃତ କରାଗଲା। ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ନିର୍ଦ୍ଦେଶଙ୍କ ମତେ ଅତିରିକ୍ତ ସହ ଶିକ୍ଷା ଅଧିକାରୀ ଜୟକୁମାର ସାହୁ, ରାମସିଂ ଭୋଇଙ୍କ ତତ୍ତ୍ୱାବଧାନରେ ଭଗବାନ ତରିଆ ଓ ପ୍ରଭାତ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ସମସ୍ତ ସ୍ୱେଚ୍ଛାସେବୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇପାରିଛି।

# ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ପାଇକମାଳ, ୨୧।୧(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଅଧକ୍ଷ ପରମେଶ୍ୱର ସାହୁଙ୍କ ସଭାପତିତ୍ୱରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି। ଆଗାମୀ ଦ୍ୱାଦଶ ବାର୍ଷିକ ପରୀକ୍ଷାରେ କିପରି ଭଲ ନମ୍ବର ରଖି ସମାଜରେ ଜଣେ ଭଲ ମଣିଷ ହେବା ପାଇଁ ଉପସ୍ଥିତ ଅଧ୍ୟାପକ ତଥା ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ଗତବର୍ଷ ଦ୍ୱାଦଶ ଶ୍ରେଣୀରେ ସର୍ବୋଚ୍ଚ ମାର୍କ ରଖିଥିବା କଳା ବିଭାଗର ହେମକାନ୍ତ ରଣା ଓ ବିଜ୍ଞାନ ବିଭାଗର ଝରଣାରାଣୀ ନିଆଲ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଶିକ୍ଷକ ତଥା କର୍ମଚାରୀମାନେ ଉପସ୍ଥିତ ଥିବା ବେଳେ ଅଧ୍ୟାପକ ରିପନ ସାହୁ ଧନ୍ୟବାଦ ଦେଇଥିଲେ।

# ୫୦୫୦ ବୋତଲ କଫ ସିରପ୍ ଜବତ; ୬ ଗିରଫ

**ବରଗଡ଼, ୨୧।୧(ସମିସ)**

କଫ ସିରପ୍ ମାମଲାରେ ବରଗଡ଼ ପୁଲିସ ବଡ଼ ଧରଣର ସଫଳତା ମିଳିଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାଇ ମୀନା, ଏସଡିପି ଓ ପଦାର ବିନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଟାଉନ ଏସଆଇ ଏସ ମହାନ୍ତିଙ୍କ ନେତୃତ୍ୱରେ କଟାପାଲିସ୍ଥିତ ଏକ ପରିତ୍ୟକ୍ତ କୋଠାରେ ବିଭିନ୍ନ ସ୍ଥାନକୁ କଫ ସିରପ୍ କାରବାର କରୁଥିବା ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଟଲି ଥାନା ଭଡିଗାଁର ଆଜାଦ ବନଛୋର( ୨୧), ବରଗଡ଼ ଟାଉନ ଥାନା ନିଲମାଧବ ପଡ଼ାର ସସ୍ମିତା ବେହେରା (୨୭), ସମ୍ବଲପୁର ବୁର୍ଲା ଥାନା ଗୋଡଭଙ୍ଗା ଗୋଲକନଗର ସୁନିଲ କୁମାର ପାଢ଼ୀ (୩୯), ଭଟଲି ଥାନା




ମୁଲବାର ଗାଁର ନୈମିଶ ବେହେରା(୪୩), ଭଟଲି ଥାନା କାନବର ଗାଁର ଉମାକାନ୍ତ ସାହୁ(୪୦), ବରଗଡ଼ ୱାର୍ଡ ନଂ ୧୮ ଘୁଲିପାଲିର ଅଚ୍ୟୁତାନନ୍ଦ ଦୋରା(୪୭) ଗିରଫ କରିଛି। ଏମାନଙ୍କ ଠାରୁ ୫୦୫୦ କଫ ସିରଫ, ନଗଦ ୭୬, ୭୦୦ ଟଙ୍କା, ଟିଭିଏସ ବାଇକ୍ ନଂ-ଓଡି୧୭-ଏକ୍ସ ୯୨୮୨, ଗୋଟିଏ ଏଭେଞ୍ଜର ବାଇକ୍ ନଂ-ଓଡି୧୫ ଏଫ୍ ୦୨୨୦, ଅଟୋ ନଂ-ଓଡି୧୭ ବି ୨୫୧୫, ବୁଲେଟ ନଂ-ଓଡି୧୫ ବି ୮୪୧୬, ସ୍କୁଟି ନଂ-ଓଡି୧୭ ଏଏଫ ୧୧୮୪, ସ୍ପେଲେଣ୍ଡର ପାଇକ୍ ନଂ-ଓଡି୧୭ୟୁ ୬୯୬୮, ଇଲେକ୍ଟ୍ରି ସ୍କୁଟି ନଂ-ଓଡି୧୭ ୟାଏ ୩୨୫୫ ଓ ୭ ମୋବାଇଲ ଜବତ କରିଛି। ଟାଉନ୍ ଥାନା ଅଧିକାରୀ ଚିତ୍ତ ରଞ୍ଜନ ମେହେର, ଏସଆଇ ସ୍ୱାଗତିକା ମହାନ୍ତି, ଏଏସଆଇ ପୀତବାସ ଲେଡି, ଏଏସଆଇ କମଳିନୀ ନାୟକ ପ୍ରମୁଖ ବହୁ ଅଧିକାରୀ ଚଢ଼ଉ ରେ ସାମିଲ ଥିଲେ।

# କନଗାଁ ଓଏଭିର ବାର୍ଷିକ ଉତ୍ସବ




**ବରଗଡ଼, ୨୧।୧(ସମିସ):** ସୋହେଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ କନଗାଁ ଠାରେ ବାର୍ଷିକ ଉତ୍ସବ ନିନାଦ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଚିତ୍ତରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ବବ୍ରୁବାହାନ ମହାପାତ୍ର, ସମ୍ମାନିତ ଅତିଥି ଭାବରେ କନଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ, ସିଆରସିସି କେଦାରନାଥ ସାହୁ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପ୍ରମାଣପତ୍ର ଟ୍ରଫି ପ୍ରଦାନ କରିଥିଲେ। ଜଣେ ଆଦର୍ଶ ଛାତ୍ର ହୋଇ ଆଦର୍ଶ ବିଦ୍ୟାଳୟର ତଥା ଅଞ୍ଚଳର ଗୌରବ ବୃଦ୍ଧି କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ।ସଂସ୍କୃତ ଶିକ୍ଷକ ଜୟପ୍ରକାଶ ଦାସ ଅତିଥି ପରିଚୟ କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ କ୍ଷୀରାବ୍ଦୀ ତନୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଅନନ୍ୟା ଆଚାର୍ଯ୍ୟ ଓ ଅର୍ଚ୍ଚିତା ବାରିକ ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ଦୀପକ କୁମାର ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମକୁ ହିନ୍ଦୀ ଶିକ୍ଷକ ପ୍ରମୋଦ ପଧାନଙ୍କ ସହ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

